OPEN ACCESS

*Int. Jr. of Contemp. Res. in Multi.* **PEER-REVIEWED JOURNAL** *Volume 5 Issue 2 [Mar- Apr] Year 2026*

I J C R M International Journal of Contemporary Research In Multidisciplinary

*Research Article*

# ସାରଳା ମହାଭାରତରେ ସମାଜ ଚିତ୍ର

**ଡଃ. ସୁଚିତ୍ରା ମହାନ୍ତି**

ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା, ଓଡ଼ିଶା, ଭାରତ

**Corresponding Author:** *ଡଃ. ସୁଚିତ୍ରା ମହାନ୍ତି

**DOI:** https://doi.org/10.5281/zenodo.19875547

## ସାରାଂଶ

ଓଡ଼ିଆ ସାହିତ୍ୟର ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କ ଅମର ସୃଷ୍ଟି 'ମହାଭାରତ' କେବଳ ଏକ ପୁରାଣ ନୁହେଁ, ବରଂ ପଞ୍ଚଦଶ ଶତାବ୍ଦୀର ଓଡ଼ିଶା ଜାତୀୟ ଜୀବନର ଏକ ଗୌରବମୟ ଜ୍ଞାନକୋଷ ଭାବରେ ବିବେଚିତ। ମୂଳ ସଂସ୍କୃତ ମହାଭାରତର କଥାବସ୍ତୁକୁ ଅବଲମ୍ବନ କରିଥିଲେ ମଧ, କବି ନିଜର ଅସାଧାରଣ କଳ୍ପନା ଚାତୁରୀ ବଳରେ ତତ୍କାଳୀନ ଉତ୍କଳୀୟ ସମାଜର ଆତ୍ମା ପ୍ରତିଷ୍ଠା କରିପାରିଛନ୍ତି। ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ରଚିତ ଏହି ଗ୍ରନ୍ଥଟିରେ ଓଡ଼ିଶାର ସାଂସ୍କୃତିକ, ଧାର୍ମିକ, ରାଜନୈତିକ ଓ ଅର୍ଥନୈତିକ ଜୀବନର ନିଖୁଣ ଚିତ୍ର ପ୍ରଦାନ କରିଛନ୍ତି । ଏହି ପ୍ରବନ୍ଧରେ ସାରଳା ମହାଭାରତରେ ବର୍ଣ୍ଣିତ ଓଡ଼ିଆ ସମାଜର ବିଭିନ୍ନ ଦିଗ, ଯଥା- କୃଷିଭିତ୍ତିକ ଜୀବନଶୈଳୀ, ବାରମାସରେ ତେର ପର୍ବର ପରମ୍ପରା, ଜଗନ୍ନାଥ ସଂସ୍କୃତି, ବିବାହ ବିଧି ଏବଂ ଲୋକବିଶ୍ୱାସ ଉପରେ ଆଲୋକପାତ କରିଛନ୍ତି। କବିଙ୍କ ବର୍ଣ୍ଣନାରେ ଓଡ଼ିଆ ଘରର ପାକପ୍ରଣାଳୀ, ବେଶଭୂଷା, ଅଳଙ୍କାର ଏବଂ ସାମାଜିକ ରୀତିନୀତି ଏତେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ପାଠକ ମାନଙ୍କୁ ତତ୍କାଳୀନ ଓଡ଼ିଶାର ପୁରପଲ୍ଲୀ ପ୍ରତି ଏକ ଅହେତୁକ ମମତ୍ୱବୋଧର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇପାରିଛନ୍ତି। ଏତତ୍ ବ୍ୟତୀତ ସେ ସମୟର ଶିଳ୍ପ, ସ୍ଥାପତ୍ୟ, ଯୁଦ୍ଧବିଦ୍ୟା, ତନ୍ତ୍ର-ମନ୍ତ୍ର ଏବଂ ଜଡ଼ିବୁଟିର ବ୍ୟବହାର କବିଙ୍କ ଗଭୀର ସମାଜ ଦର୍ଶନର ପରିଚୟ ଦେଇପାରିଛି । ସାରଳା ମହାଭାରତ ଓଡ଼ିଆ ଜାତିର ସ୍ୱାଭିମାନ ଓ ଐତିହ୍ୟର ଏକ ଜ୍ୱଳନ୍ତ ପ୍ରତିଛବି, ଏହା ହି ପ୍ରବନ୍ଧଟିର ମୁଖ୍ୟ ପ୍ରତିପାଦ୍ୟ ବିଷୟବସ୍ତୁ।

**Manuscript Information**

- **ISSN No:** 2583-7397
- **Received:** 05-03-2026
- **Accepted:** 24-04-2026
- **Published:** 29-04-2026
- **IJCRM:**5(2); 2026: 888-894
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡଃ. ସୁଚିତ୍ରା ମହାନ୍ତି. ସାରଳା ମହାଭାରତରେ ସମାଜ ଚିତ୍ର. Int J Contemp Res Multidiscip. 2026;5(2):888-894.

**Access this Article Online**

www.multiarticlesjournal.com

**ପ୍ରାସଙ୍ଗିକ ଶବ୍ଦାବଳ**: ସାରଳାଦାସ, ସାରଳାମହାଭାରତ, ସମାଜଚିତ୍ର, ଉତ୍କଳୀୟ ସଂସ୍କୃତି, ଲୋକାଚାର ଓ ବିଶ୍ୱାସ



© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ପ୍ରସ୍ତାବନା**

ପଞ୍ଚଦଶ ଶତାବ୍ଦୀ ଥିଲା ଓଡ଼ିଶା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ଶତାବ୍ଦୀରେ ସୂର୍ଯ୍ୟବଂଶୀ ଗଜପତି ଶାସନର ଅଭ୍ୟୁଦୟ ଘଟିଥିଲା। ଇତିହାସରୁ ଜଣାପଡ଼େ ଯେ ପଞ୍ଚଦଶ ଶତାବ୍ଦୀର ଆଦ୍ୟ ଭାଗରେ ଗଙ୍ଗବଂଶର ଅବସାନ ଘଟିଥିଲା। ଓଡ଼ିଶାରେ ପ୍ରଚଳିତ ଥିବା ଗଙ୍ଗବଂଶୀ ଶାସନ(ଖ୍ରୀ.୧୧୧୦-ଖ୍ରୀ.୧୪୩୫)ର ପରିସମାପ୍ତି ଘଟି ସୂର୍ଯ୍ୟବଂଶୀ ଶାସନର ଆରମ୍ଭ ହୋଇଥିଲା। କପିଳେନ୍ଦ୍ରଦେବ ଥିଲେ ସୂର୍ଯ୍ୟବଂଶୀ ଶାସନର ପ୍ରତିଷ୍ଠାତା। କପିଳେନ୍ଦ୍ର ଦେବ ଥିଲେ ଦିଗ୍‌ବିଜୟୀ ସମ୍ରାଟ। ସେ ବିଶାଳ ଉତ୍କଳ ସାମ୍ରାଜ୍ୟ ଗଠନ କରିଥିଲେ। ଏହା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଲାଭ କରିଥିଲା।

କପିଳେନ୍ଦ୍ରଦେବଙ୍କ ରାଜତ୍ୱ ସମୟ ଥିଲା ଓଡ଼ିଶାର ଅଭ୍ୟୁଦୟ ସମୟ। ତାଙ୍କ ଅଭିଷେକ ଦିନଠାରୁ 'କପିଳାବ୍ଦ' ନାମକ ଏକ ନୂତନ ଅବ୍ଦ ଓଡ଼ିଶାରେ ଆରମ୍ଭ ହୋଇଥିଲା। କପିଳେନ୍ଦ୍ରଦେବ ଥିଲେ ଖାଣ୍ଟି ଓଡ଼ିଆ। ତେଣୁ ସେ ସିଂହାସନ ଆରୋହଣ କରିବା ପରେ ଓଡ଼ିଆ ଭାଷାରେ ତାଙ୍କର ଘୋଷଣାନାମା ଗୁଡିକୁ ଜାରି କରିଥିଲେ। ମହାକବି ସାରଳା ଦାସ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ସାରଳା ଦାସ ମହାଭାରତ ରଚନା କରିଥିଲେ । ସାରଳାଦାସ ତାଙ୍କ ମହାଭାରତରେ କପିଳେନ୍ଦ୍ରଙ୍କୁ 'କପିଳେଶ୍ୱର' ନାମରେ ଉଲ୍ଲେଖ କରିଛନ୍ତି ।

ପଞ୍ଚଦଶ ଶତାବ୍ଦୀ ସମୟବେଳକୁ ଓଡ଼ିଶା ଥିଲା ଏକ କୃଷି ଭିତ୍ତିକ ସମାଜ। ରାଷ୍ଟ୍ରରେ କୃଷିର ଉନ୍ନତି ପ୍ରତି ଧ୍ୟାନ ଦିଆଯାଉଥିଲା। ଗୋଚୋର ପାଇଁ ସ୍ୱତନ୍ତ୍ର ଭୂମି ବ୍ୟବସ୍ଥା ଥିଲା। ଦେଶର ସାମାଜିକ ପର୍ବପର୍ବାଣି, ଉତ୍ସବ, ଅନୁଷ୍ଠାନ, ପ୍ରଭୃତି ମହାସମାରୋହରେ ପାଳିତ ହେଉଥିଲା। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ବିଭିନ୍ନ ଧର୍ମ ବିକଶିତ ହୋଇଥିଲା। ବିଭିନ୍ନ ଧର୍ମକୁ ଆଶ୍ରୟ କରି ବହୁ ପର୍ବପର୍ବାଣି ପ୍ରଚଳିତ ଥିଲା। ସେହି ସମୟରେ ଓଡ଼ିଶାରେ କହିବାକୁ ଗଲେ ବାରମାସରେ ତେର ପର୍ବ ପାଳିତ ହେଉଥିଲା। ଶ୍ରୀ ଜଗନ୍ନାଥଙ୍କୁ ଶ୍ରେଷ୍ଠ ଦେବତା ରୂପେ ବିବେଚନା କରାଯାଉଥିଲା। ରଥଯାତ୍ରା, ଚନ୍ଦନ ଯାତ୍ରା ପ୍ରଭୃତି ମହାସମାରୋହରେ ପାଳିତ ହେଉଥିଲା।

ଓଡ଼ିଶାର ପୁରପଲ୍ଲୀରେ କୁମାରଉତ୍ସବ ପାଳନ କରାଯାଉଥିଲା। କାର୍ତ୍ତିକମାସକୁ ମହାକାର୍ତ୍ତିକ, ପୁଣ୍ୟମାସ ରୂପେ ବିଚାର କରାଯାଉଥିଲା। ତତ୍କାଳୀନ ସମାଜରେ ଗାଣପତ୍ୟଧର୍ମର ପ୍ରଚାର ଓ ପ୍ରସାର ମଧ୍ୟ ରହିଥିଲା। ପଞ୍ଚଦଶ ଶତାବ୍ଦୀ ଓଡ଼ିଶାର ସମାଜରେ ତାନ୍ତ୍ରିକ ବୌଦ୍ଧ ଧର୍ମର ପ୍ରଭାବ ରହିଥିଲା। ବଜ୍ରଯାନ, ସହଜଯାନ, କାଳଚକ୍ରଯାନର ପରମ୍ପରା ଓଡ଼ିଶାରେ ପ୍ରଚଳିତ ଥିଲା। ସମାଜରେ ବ୍ରାହ୍ମଣ ମାନଙ୍କୁ ଉଚ୍ଚସ୍ଥାନ ଦିଆଯାଉଥିଲା। କୃଷକ ମାନଙ୍କ ପ୍ରତି ରାଜାମାନେ ସଦୟ ଥିଲେ। ଗୋଚର ନିମିତ୍ତ ଭୂମିର ବ୍ୟବସ୍ଥା କରାଯାଉଥିଲା। କବି ଓ ଗୁଣୀ ଲୋକମାନଙ୍କୁ ରାଜାମାନେ ସମ୍ମାନ କରୁଥିଲେ।

ସାରଳା ଦାସଙ୍କ ଅବଦାନ ଯୋଗୁଁ ସାଧାରଣ ଶିକ୍ଷିତ ଲୋକେ ନିଜ ଭାଷାରେ ମହାଭାରତ, ବିଲଙ୍କା ରାମାୟଣ, ଚଣ୍ଡୀପୁରାଣ ପରି ପୁରାଣ ଗ୍ରନ୍ଥ ପାଠ କରିବାର ସୌଭାଗ୍ୟ ଲାଭ କରିଥିଲେ। ନିଜର କବି କର୍ମ ସମ୍ପର୍କରେ ସାରଳା ଦାସ ଚଣ୍ଡୀ ପୁରାଣରେ ଲେଖିଛନ୍ତି - "ପ୍ରଥମେ ଶ୍ରୀରାମାୟଣ ଦ୍ୱିତୀୟେ ଭାରତ, ତୃତୀୟେ ଲିଖନ ମୁଁ କଲି ଶିରୀଭାଗବତ ।" ଏହି ସୂଚନାରୁ ଜଣାଯାଏ, ସାରଳା ଦାସ କ୍ରମାନ୍ୱୟରେ ରଚନା କରିଥିଲେ -

**(୧)** ବିଲଙ୍କା ରାମାୟଣ

**(୨)** ମହାଭାରତ

**(୩)** ଦେବୀ ଭାଗବତ ବା ଚଣ୍ଡୀପୁରାଣ

**(୪)** ଲକ୍ଷ୍ମୀନାରାୟଣ ବଚନିକା

ମହାକବି ସାରଳାଦାସଙ୍କ ଶ୍ରେଷ୍ଠ ନିଦର୍ଶନ ହେଉଛି ମହାଭାରତ ଗ୍ରନ୍ଥ । ନିଜର ଅପୂର୍ବ କଳ୍ପନା ବିଳାସ ଦୃଷ୍ଟିଭଙ୍ଗୀରେ ବ୍ୟାସଦେବଙ୍କ କୃତ ସଂସ୍କୃତ ମହାଭାରତର ମୂଳ କଥାବସ୍ତୁକୁ ଅବଲମ୍ବନ କରି ଏକ ବୃହତ୍, ବିରାଟ ଗ୍ରନ୍ଥ ମହାଭାରତ ରଚନା କରିବାରେ ସମର୍ଥ ହୋଇଥିଲେ । ଏହା ଥିଲା ତାଙ୍କର ମୌଳିକ ସୃଷ୍ଟି । ସଂସ୍କୃତ ମହାଭାରତର ଅନୁବାଦ ନୁହେଁ କି ଅନୁକରଣ ମଧ୍ୟ ନୁହେଁ । ଏଥିରେ କବିଙ୍କର କବିତ୍ୱ, ପାଣ୍ଡିତ୍ୟ, ଅପୂର୍ବ କଳ୍ପନା ବିଳାସ, ସ୍ୱଦେଶ ପ୍ରୀତି, ଚରିତ୍ର ସୃଷ୍ଟିର ଚମତ୍କାରିତା ପ୍ରଭୃତି ପରିଲକ୍ଷିତ । ନିଜକୁ ଅପଣ୍ଡିତ, ମୂର୍ଖ ବୋଲି ସାବ୍ୟସ୍ତ କରୁଥିବା ସାରଳାଦାସ ଥିଲେ ବିଚକ୍ଷଣ କବି । କାରଣ ମହାଭାରତରେ ବହୁ କପୋଳକଳ୍ପିତ ଉପାଖ୍ୟାନର ସଂଯୋଗ, ବହୁ ନୂତନ ଚରିତ୍ରର ଅବତାରଣା, ସହିତ ସର୍ବଭାରତୀୟ ସଂସ୍କୃତିର ପ୍ରବାହକୁ ସର୍ବପ୍ରଥମେ ଓଡ଼ିଶାରେ ସାରଳା ଦାସ ଏହି ଗ୍ରନ୍ଥ ମାଧ୍ୟମରେ ଓଡ଼ିଶାବାସୀଙ୍କୁ ପରିଚିତ କରାଇବାରେ ସୁଯୋଗ ସୃଷ୍ଟି କରିପାରିଥିଲେ । 'ମହାଭାରତ' ଗ୍ରନ୍ଥର ନାମକରଣ ସମ୍ପର୍କରେ ସାରଳା ଦାସଙ୍କ ମତାମତ ହେଉଛି –

**"ଆରକ କଛେ ଭାରଥ ଅଷ୍ଟାଦଶ ଥୋଇଲେ**
**ସମସ୍ତ ଶାହାସ୍ର ଗ୍ରନ୍ଥୟେ ମହାଗରୁ ହୋଇଲେ ।**
**ଯୁଗତେ ସେ ଯହୁଁ ହୋଇଲା ମହାଭରା**
**ତହୁଁ ମହାଭାରା ନାମ ଦେଲେ କଶ୍ୟପ ଅଙ୍ଗିରା ।**
**ତେଣୁ କରି ହୋଇଲା ସେ ମହାଭାରଥ ନାମ,**
**ତୁଳନ୍ତେ ଯହୁଁ ହୋଇଲା ୟେ ମହାଅସମା" (ଆଦିପର୍ବ)**

କୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ ଭାରତୀୟ ସଂସ୍କୃତି, ସଭ୍ୟତାର ମହାନ୍ ଜ୍ଞାନକୋଷ । ଏହାର ଶ୍ଳୋକ ସଂଖ୍ୟା ଏକଲକ୍ଷ । ମହାଭାରତ ଗ୍ରନ୍ଥକୁ ମହାପୁରାଣ ବା (Epic) କୁହାଯାଉଛି "ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ ।" ସେହିପରି ସାରଳା ମହାଭାରତ ଓଡ଼ିଆ ଜନ ଜୀବନର ମହାକାବ୍ୟ । ସାରଳା ମହାଭାରତର ପଦସଂଖ୍ୟା ଏକଲକ୍ଷ ଚାଳିଶି ହଜାର । ସଂସ୍କୃତ ମହାଭାରତର ପର୍ବ ସଂଖ୍ୟା ଅଠର ଏବଂ ସାରଳା ମହାଭାରତରେ ପର୍ବ ସଂଖ୍ୟା ଅଠର । କିନ୍ତୁ ପର୍ବର ନାମକରଣ ସାରଳା ଦାସ କିଞ୍ଚିତ୍ ପରିବର୍ତ୍ତନ ଆଣିପାରିଛନ୍ତି ।

ସଂସ୍କୃତ ମହାଭାରତର ପର୍ବର ନାମ - ଆଦିପର୍ବ, ସଭାପର୍ବ, ବନପର୍ବ, ବିରାଟପର୍ବ, ଉଦ୍‌-ଯୋଗ ପର୍ବ, ଭୀଷ୍ମ ପର୍ବ, ଦ୍ରୋଣ ପର୍ବ, କର୍ଣ୍ଣ ପର୍ବ, ଶଲ୍ୟ ପର୍ବ, ସୌପ୍ତିକ ପର୍ବ, ସ୍ତ୍ରୀ ପର୍ବ, ଶାନ୍ତି ପର୍ବ, ଅନୁଶାସନିକ ପର୍ବ, ଆଶ୍ରମିକ ପର୍ବ, ଅଶ୍ୱମେଧ ପର୍ବ, ମୌଶଳୀ ପର୍ବ, ମହାପ୍ରସ୍ଥାନିକ ପର୍ବ, ସ୍ୱର୍ଗାରୋହଣ ପର୍ବ । ସେହିପରି ସାରଳା ମହାଭାରତର ପର୍ବର ନାମ - ଆଦିପର୍ବ, ମଧ୍ୟପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ, ଉଦ୍‌-ଯୋଗ ପର୍ବ, ଭୀଷ୍ମପର୍ବ, ଦ୍ରୋଣ ପର୍ବ, କର୍ଣ୍ଣ ପର୍ବ, ଶଲ୍ୟ ପର୍ବ, ଗଦା ପର୍ବ, କାଇଁଶିକା ବା ଐଷିକ ପର୍ବ, ନାରୀ ପର୍ବ, ଶାନ୍ତି ପର୍ବ, ଆଶ୍ରମିକ ପର୍ବ, ଅଶ୍ୱମେଧ ପର୍ବ, ମୂଷଳି ପର୍ବ, ସ୍ୱର୍ଗାରୋହଣ ପର୍ବ ।

ଏଥିରେ ପର୍ବ ସଂଖ୍ୟା ସମାନ ରହିଛି । କେବଳ ପର୍ବମାନଙ୍କର ନାମକରଣରେ କେତେକ ବ୍ୟତିକ୍ରମ ରହିଅଛି । ମୂଳଗ୍ରନ୍ଥରେ ସୌପ୍ତିକ ପର୍ବ, ଅନୁଶାସନିକ ପର୍ବ, ମହାପ୍ରାସ୍ଥାନିକ ପର୍ବର ନାମ ସାରଳାଦାସଙ୍କ ପର୍ବ ବିଭାଜନରେ ନାହିଁ । ଅପରପକ୍ଷରେ ମଧ୍ୟପର୍ବ, ଗଦାପର୍ବ, କାଇଁଶିକା ବା ଐଷିକ ପର୍ବ ନାମରେ ତିନିଗୋଟି ନୂତନ ଓ ପ୍ରଧାନ ପର୍ବ ସାରଳା ଦାସଙ୍କ ଗ୍ରନ୍ଥରେ ରହିଅଛି । ମୂଳଗ୍ରନ୍ଥରେ ଗଦାପର୍ବ, ଶଲ୍ୟ ପର୍ବ ଦୁଇଟି ଉପପର୍ବ । ମୂଳଗ୍ରନ୍ଥର ବିଷୟକ୍ରମ ସହିତ ସାରଳା ମହାଭାରତର ବିଷୟକ୍ରମ ଅଭିନ୍ନ ନଥିବାରୁ ବିଭିନ୍ନ ପର୍ବମାନଙ୍କର ବିଷୟ ଓ ବିଷୟକ୍ରମରେ ଉଭୟ ଗ୍ରନ୍ଥରେ ବୈଷମ୍ୟତା ଦେଖିବାକୁ ମିଳିଥାଏ । ଏ ସମ୍ପର୍କରେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ମତ ବେଶ୍ ପ୍ରଣିଧାନ ଯୋଗ୍ୟ । ତାଙ୍କ ଭାଷାରେ - 'କବି ମୂଳ ଗ୍ରନ୍ଥର ଅନୁବାଦ କରିନାହାନ୍ତି କିମ୍ବା ଅବିକଳାନୁକରଣରେ ଲେଖି ନାହାନ୍ତି । ମୂଳଗ୍ରନ୍ଥର ପ୍ରଗାଢ଼ ଶୁଶ୍ରୁଷାରେ ଏକାନ୍ତ ଅନୁରକ୍ତ ଥାଇ ସମଗ୍ର ଭାରତର ସ୍ଥୂଳ ସ୍ଥୂଳ ବିଷୟ ଓ ଅମୂଳାନ୍ତ ଘଟଣାଂଶ ମାନମାତ୍ରସ୍ୱୀୟର ଅବ୍ୟାହତ ସ୍ମୃତିକୋଷରେ ପ୍ରଦୀପ୍ତ ରଖି ଅସାମାନ୍ୟ କଳ୍ପନାଶକ୍ତି ଓ ବିଷୟ ସମ୍ବିଧାନ ପ୍ରବୀଣତାର ବଳରେ ବଳୀୟାନ ହୋଇ ଅଙ୍ଗିକରଣ, ବିସ୍ତୃତୀକରଣ, ଅନୁକ୍ତ ପ୍ରକ୍ଷେପ ଓ ଉକ୍ତ ନିକ୍ଷେପାଦି କ୍ରମରେ ଏହି ପ୍ରକାଣ୍ଡ ଗ୍ରନ୍ଥକୁ ଲେଖିଯାଇଛନ୍ତି ।'


© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସାରଳାଙ୍କ ମହାଭାରତରେ ସମାଜଚିତ୍ର ଭାବରେ ମୁଖ୍ୟତଃ ଦୃଷ୍ଟିଗୋଚର ହୋଇଥାଏ । ଯଥା – ବ୍ରତ ଓ ପର୍ବପର୍ବାଣୀ, ବିବାହ ବିଧି, ଶକୁନଶାସ୍ତ୍ର, ଅତିଥି ସତ୍କାର, ପାକପ୍ରଣାଳୀ, ବେଶଭୂଷା, ଅଳଙ୍କାର, ଗୃହୋପକରଣ ଓ ଅନ୍ୟାନ୍ୟ ଦ୍ରବ୍ୟ, ଲୋକ ବିଶ୍ୱାସ ଓ ସାମାଜିକ ରୀତିନୀତି, ଶିଳ୍ପ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ, ନୃତ୍ୟ, ଗୀତ ଓ ବାଦ୍ୟ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର ଓ ଜଡ଼ିବୁଟି, ଉଦାର ଆଧ୍ୟାତ୍ମିକ ଚେତନା, ଦାମ୍ପତ୍ୟ ଜୀବନ ଯାପନ, କିମ୍ବଦନ୍ତୀ, ଉପାଖ୍ୟାନ, ପ୍ରବଚନ ଓ ନୀତିକଥା, କ୍ରୀଡ଼ା ବିନୋଦ, ବ୍ୟବସାୟ ବାଣିଜ୍ୟ, କୃଷି ଓ କୃଷକ, ଭୂମିମାପ ଓ ଭୂ-ରାଜସ୍ୱବିଧି, ଯୁଦ୍ଧ ସରଞ୍ଜାମ, ଶିକ୍ଷା ପ୍ରଭୃତି । ସାରଳା ମହାଭାରତରେ ବିଭିନ୍ନ ପର୍ବପର୍ବାଣୀ ଓ ବ୍ରତ କଥାର ଉଲ୍ଲେଖ କରାଯାଇଛି। ଓଡ଼ିଆ ସମାଜରେ ତୁଳସୀପୂଜା, ଶିଶୁ ଜନ୍ମର ଷଷ୍ଠ ଦିବସରେ ଷଠିଦୁଶି/ଷଠି ପୂଜା, ଶିବଙ୍କର କନକ ପୂଜା, କାମାକ୍ଷୀ ବ୍ରତ ଆଦିର ବର୍ଣ୍ଣନା ସାରଳା ମହାଭାରତରେ ପରିଦୃଷ୍ଟ ହୋଇଥାଏ । କାର୍ତ୍ତିକ ମାସରେ ଚନ୍ଦ୍ରଭାଗାରେ ବୁଡ଼ ଦେଲେ ସମସ୍ତ ପାପ କ୍ଷୟ ହୋଇଯାଏ ବୋଲି ମହାଭାରତର ଆଦିପର୍ବରେ ବର୍ଣ୍ଣିତ ।

**"ମହାକାର୍ତ୍ତିକ ପଢ଼ିଲେ ଯେ ଚନ୍ଦ୍ରଭାଗାୟେ କରନ୍ତି ସ୍ନାହାନ**
**ତେବେ ସେ କ୍ଷାଡ଼ଇ ଏଥିର ପାପମାନ ।"**

ସେହିପରି କାର୍ତ୍ତିକ ମାସ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ବେଳେ ଯେପରି 'ଆକା ମା ବୈ ପାନ ଗୁଆ ଥୋଇ' ବୋଲି କୁହାଯାଏ, ସେ ସମ୍ପର୍କରେ କବି 'ଆଦିପର୍ବ'ରେ ବର୍ଣ୍ଣନା କରିଛନ୍ତି –

**"କାର୍ତ୍ତିକ ମାସ ଶୁକ୍ଳପକ୍ଷ ବୁଧବାର ଯେ ପୂର୍ଣ୍ଣମୀ**
**ଆକା ମା ବଇ ସ୍ନାହାନ ଦିନ ଗଙ୍ଗାଙ୍କୁ ଗଲେ କୁନ୍ତ ଭୋଜ ସ୍ୱାମୀ ।"**

ଏକାଦଶୀ ବ୍ରତ ପାଳନ କଲେ ସକଳ ପାତକ ଦୋଷରୁ ମାନବ ମୁକ୍ତି ଲାଭ କରିଥାଏ ଓ ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି ଆମର ଗଭୀର ବିଶ୍ୱାସ ରହିଅଛି । ଏଥିରେ ନାରାୟଣଙ୍କୁ ଆରାଧନା କରାଯାଏ । ଏ ପ୍ରସଙ୍ଗରେ ଗଙ୍ଗାଙ୍କୁ ଶାନ୍ତନୁ କହିଛନ୍ତି -

**"ତୁ ସଖିରେ ଆଦିକରେ ଏକାଦଶୀ ବ୍ରତ**
**ଦୁହେଁ ଯାଇ ବଇକୁଣ୍ଠେ ବସିବା ସଙ୍ଗାତ ।"**

ଉତ୍କଳର ଚଳନ୍ତି ଠାକୁର ଜଗନ୍ନାଥଙ୍କ 'ରଥଯାତ୍ରା' ସମ୍ପର୍କରେ 'ସଭାପର୍ବ'ରେ ବର୍ଣ୍ଣିତ ଅଛି -

**"ପୁନର୍ବସୁ ନକ୍ଷତ୍ର ସେ ଦିନ ପାହାନ୍ତି**
**ମିଥୁନ ମାସ ଶୁୟପକ୍ଷ ଦ୍ୱିତୀୟାର ତିଥି ।**
**ସେ ଦିନରେ ରଥଯାତ୍ରା କରିଥୁବୁ ଆମ୍ଭେ ଖେଳି**
**ଦକ୍ଷିଣମୂର୍ତ୍ତି ସଜ ହୋଇ ବୋଲାଇବୁ ବାଲିଖଣ୍ଡି ।"**

ଓଡ଼ିଶାରେ କୁମାରୀମାନଙ୍କର ପବିତ୍ର ପର୍ବ କୁମାର ପୂର୍ଣ୍ଣିମା ବା କୁମାରୋତ୍ସବ ସମ୍ପର୍କରେ ସାରଳା ମହାଭାରତରେ ବର୍ଣ୍ଣନା ରହିଛି । ଦୁର୍ଗାପୂଜା ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ପର୍ବ । ଏହା ଆଶ୍ୱିନ କୃଷ୍ଣ ଅଷ୍ଟମୀ ତିଥିଠାରୁ ଶୁକ୍ଳାଷ୍ଟମୀ ପର୍ଯ୍ୟନ୍ତ ପାଳନ କରାଯିବାର ବିଧି ରହିଛି । ସାରଳା ମହାଭାରତରେ ଏହି ପର୍ବର ବର୍ଣ୍ଣନା କରାଯାଇଛି । ଏତଦ୍‌ବ୍ୟତୀତ ସାରଳା ମହାଭାରତରେ ବନଦୁର୍ଗା ଓଷା, ମଙ୍ଗଳବାର ଓଷା, ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା, ଗଣେଶ ପୂଜା, ଶିବରାତ୍ରି ଇତ୍ୟାଦି ନାନାବିଧ ବ୍ରତର ଉଲ୍ଲେଖ ରହିଅଛି ।

ସମାଜରେ ବିବାହ ଏକ ବିଶିଷ୍ଟ ଉତ୍ସବ ଭାବରେ ଗ୍ରହଣ କରାଯାଇଛି । ସାରଳା ମହାଭାରତରେ ବିଭିନ୍ନ ବିବାହ ଉତ୍ସବର ବର୍ଣ୍ଣନା ମିଳିଥାଏ, ଓଡ଼ିଆ ସାମାଜିକତା ନିଖୁଣ ଭାବରେ ପ୍ରତିଫଳିତ ହୋଇଅଛି । ଯଦି ଜଣେ ବ୍ୟକ୍ତିର ବାରମ୍ବାର ଅନେକ ସ୍ତ୍ରୀ ମୃତ୍ୟୁବରଣ କରନ୍ତି ବା ଜଣେ ସ୍ତ୍ରୀକୁ ବିବାହ କରି ଅନେକ ପୁରୁଷ ମୃତ୍ୟୁ ମୁଖରେ ପଡ଼ନ୍ତି, ତେବେ ସାମାଜିକ ପରମ୍ପରାକ୍ରମେ ତାଙ୍କୁ ସାହାଡ଼ା ବୃକ୍ଷ ସହିତ ବିବାହ କରାଯାଇଥାଏ । ଏହି ପ୍ରସଙ୍ଗ ଧୃତରାଷ୍ଟ୍ର ଗାନ୍ଧାରୀଙ୍କ ବିବାହ ପ୍ରସଙ୍ଗରେ ବର୍ଣ୍ଣିତ ହୋଇଅଛି । ଏହା ଆମ ଶାସ୍ତ୍ରୀୟ ତଥା ଲୋକ ବିଶ୍ୱାସର ଏକ ଗଭୀରତମ ନିଦର୍ଶନ । ସେ ସମୟରେ ସାମାଜିକ ମର୍ଯ୍ୟାଦା ଭିତ୍ତିରେ ବିବାହ ନିମନ୍ତେ ପିତାମାତା ବା ଗୁରୁଜନମାନେ ବଂଶ ମର୍ଯ୍ୟାଦା ଓ ମର୍ଯ୍ୟାଦାବନ୍ତ ଗୁଣ ଧରି ବର ସହିତ ନିଜ କନ୍ୟାର ବିବାହ ସ୍ଥିର କରୁଥିଲେ । ଅନ୍ୟପକ୍ଷରେ ରାଜ ପରିବାରରେ ଏହାର କେତେକ ବ୍ୟତିକ୍ରମ ଥିଲା ଅର୍ଥାତ୍ ରାଜକନ୍ୟାମାନେ ସ୍ୱଇଚ୍ଛାରେ ବର ନିର୍ବାଚନ କରୁଥିଲେ । ଏହାକୁ 'ସ୍ୱୟଂବର ଉତ୍ସବ' କୁହାଯାଉଥିଲା । ଯାହାର ବର୍ଣ୍ଣନା ରହିଛି ଦ୍ରୌପଦୀ ଓ ଭାନୁମତୀଙ୍କ ସ୍ୱୟଂବର ଉତ୍ସବ ପ୍ରସଙ୍ଗରେ ।

ବିବାହ ପୂର୍ବରୁ ଜ୍ୟୋତିଷ ଡକାଇ କୋଷ୍ଠୀ ସାଧିବା ଓ ଶୁଭଲଗ୍ନ ନିର୍ଣ୍ଣୟ କରି ବିବାହ କାର୍ଯ୍ୟ ଆରମ୍ଭ କରିବା ଥିଲା ଏକ ପାରମ୍ପରିକ ବିଧି । ସାରଳା ମହାଭାରତର 'ମଧପର୍ବ'ରେ ବର୍ଣ୍ଣିତ ସୁରେଖା (କରମଣ୍ଡଳ ନଗରର ନୃପତିକୃତ ଶେଖରଙ୍କ କନ୍ୟା) ବିବାହ ପ୍ରସଙ୍ଗରେ ଏହାର ବର୍ଣ୍ଣନା କରାଯାଇଛି । ରାଜକନ୍ୟାର ବିବାହ ଉପଲକ୍ଷେ ପ୍ରଜାମାନେ ନିଜ ନିଜ ଘର ସବୁକୁ ଖୁବ୍ ସୁନ୍ଦର ଭାବରେ ସାଜସଜ୍ଜା କରିଥାନ୍ତି । କାନ୍ଥରେ ସବୁ ଝୋଟି, ଚିତାଦି ଚିତ୍ରିତ କରିଥାନ୍ତି । ନାରୀମାନେ ଆନନ୍ଦରେ ହୁଳହୁଳି ଦେଇଥାନ୍ତି । ବରପକ୍ଷ (ପ୍ରଦ୍ୟୁମ୍ନ) ତରଫରୁ ବରଯାତ୍ରୀଗଣ ଖୁବ୍ ଜାକଜମକରେ କନ୍ୟା ଘରେ ପହଞ୍ଚିଥାନ୍ତି। ସେମାନଙ୍କୁ ସୁସ୍ୱାଦୁ ବ୍ୟଞ୍ଜନ ପରିବେଷଣ କରାଯାଇଥାଏ । ସୁବାସିତ ଜଳପାନ ପରେ କର୍ପୂର ମିଶ୍ରିତ ବିଡ଼ିଆ ପାନ ପ୍ରଦାନ କରାଯାଇଥାଏ । ଭୋଜନାଦି କାର୍ଯ୍ୟ ସରିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥାଏ । ସୁବର୍ଣ୍ଣ କଳସ ଉପରେ ଶ୍ରୀଫଳ (ନାରିକେଳ) ରଖି ସାତ ଜଣ ଅହିଅ (ସଧବା) ନାରୀ ପାଣି ତୋଳିବାକୁ ବାହାରିଛନ୍ତି । ସେମାନେ ହଳଦୀ, ତେଲ, କୁଙ୍କୁମ ଓ କସ୍ତୁରୀ ମିଶାଇ ବରକନ୍ୟାଙ୍କ ଶରୀରରେ ବୋଳିଥାନ୍ତି । ସୁବର୍ଣ୍ଣର ଶିଳପୁଆ ବରକନ୍ୟାଙ୍କ ମୁଣ୍ଡରେ ଲଗାଇ ହୁଳହୁଳି ଦେଇଥାନ୍ତି । ଜ୍ୟୋତିଷଙ୍କ ପରାମର୍ଶ କ୍ରମେ ଶୁଭବେଳା ଦେଖି ସ୍ଥିର କରାଯାଇଥାଏ । ବରପକ୍ଷରୁ ବରପିତା ପୂର୍ବମୁଖା ଓ କନ୍ୟା ପିତା ପଶ୍ଚିମ ମୁଖା ହୋଇ ବେଦୀରେ ବସିଥାନ୍ତି । କନ୍ୟା ହାତରେ ଲବଣ ଚଉଁରୀ ପାଇଁ ଚାଉଳ ସୋରିଷ ମିଶାଇ ଦିଆଯାଇଛି ଏବଂ ସେ ତାହାକୁ ବର ଉପରକୁ ପକାଇଥାନ୍ତି । ବରର ପାଦକୁ କନ୍ୟାର ଭାଇ ଧୋଇ ଦେଇଥାଏ । ତାପରେ ଆରମ୍ଭ ହୋଇଥାଏ ହସ୍ତଗ୍ରନ୍ଥି କାର୍ଯ୍ୟ । କନ୍ୟାପିତାଙ୍କ ନୟନ ଲୋକାପ୍ଳୁତ ହୋଇ ଉଠିଥାଏ । ଶଙ୍ଖରେ ଜଳ ଟେକି ସେ ଯୌତୁକ ଘୋଷଣା କରିଥାନ୍ତି । ଆଉ କନ୍ୟା ପିତାଙ୍କୁ ସେ ପ୍ରାର୍ଥନା କରିଥାନ୍ତି –

**"ଝିଅ ଗୋଟି ଦେଇ ମୁଁ ଯେ ଶରଣ ପଶିଲି**
**ସପତ ପୁରୁଷ ମାନଙ୍କ ମୁଁ ନରଂକୁ ଉଦ୍ଧାରିଲି ।"**

ପରବର୍ତ୍ତୀ ପର୍ଯ୍ୟାୟରେ ସଧବା ସ୍ତ୍ରୀ ଲୋକମାନଙ୍କ ଗହଣରେ ବର କନ୍ୟା ଗୋଟିଏ ଆସନରେ ବସି କଉଡ଼ି ଖେଳିଛନ୍ତି । ସୁବର୍ଣ୍ଣ ଦୀପାବଳୀରେ ସେମାନଙ୍କୁ ବନ୍ଦାଣ କରାଯାଇଥାଏ । ସୁବର୍ଣ୍ଣପଲଙ୍କରେ ବର କନ୍ୟା ଏକାଠି ହୋଇ ସ୍ୱାଦିଷ୍ଟ ଭୋଜନ ଗ୍ରହଣ କରିଥାନ୍ତି । ସେ ସମୟରେ ସମାଜରେ ବାଲ୍ୟ ବିବାହ ପ୍ରଚଳନ ଥିବାର ପ୍ରମାଣ ମିଳିଥାଏ । ଯାହାକୁ ଶାସ୍ତ୍ରୀୟ ଆଧାର ବିଧି ଭାବରେ ସମାଜରେ ଗ୍ରହଣ କରାଯାଇଥିଲା । ସାରଳାଙ୍କ ବର୍ଣ୍ଣନାରେ –

**"ସପତ ବରଷ ଯେବେ ଝିଅ ବିଭା ନ କରାଇ**
**ସେ ଲୋକ ଏଥିରେ ଦୋଷ ଯେ ଲଭଇ ।**
**ନବ ବରଷ ହୋଇଲେ କନ୍ୟା ଯୁବା ଯେ ବୋଲାଇ**
**ସେହି ଅନ୍ୟାୟରୁ ସପତ ବରଷେ ବିଭା ଯେ ଯୋଗାଇଁ**
**ଯୁବା ହେବା କନ୍ୟା ଇନ୍ଦ୍ର ଘରେ ଯେ ରଖିଲେ**
**ଆପଣେ ଅନର୍ଥ ଅର୍ଜିଣ ବସିଲେ ।" (ମଧପର୍ବ)**



© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଯାତ୍ରାକାଳରେ ଶୁଭାଶୁଭ ଗଣନା କରିବା ଏକ ପାରମ୍ପରିକ ଓଡ଼ିଆ ରୀତି । ଏହା ଭାରତୀୟ ପରମ୍ପରା ସମ୍ମତ । ଶୁଭ ଶକୁନ କାର୍ଯ୍ୟରେ ସିଦ୍ଧିଲାଭ ଓ ଅଶୁଭ ଶକୁନ ଦର୍ଶନରେ କାର୍ଯ୍ୟରେ ବିଫଳ ହେବାର ସୂଚନା ମିଳିଥାଏ । ସାରଳା ମହାଭାରତର ଅନେକ ସ୍ଥଳରେ ଶକୁନଶାସ୍ତ୍ର ସମ୍ବନ୍ଧରେ ବର୍ଣ୍ଣନା ରହିଛି । ଯେପରି ମହାଭାରତ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ପାଣ୍ଡବମାନଙ୍କ ପକ୍ଷରେ ଶୁଭ ଶକୁନ ଦେଖାଯାଉଥିଲା । ଯାହାକୁ ଦର୍ଶନ କରି ପାଣ୍ଡବମାନଙ୍କ ସପକ୍ଷରେ ଶୁଭ ଶକୁନ ଦେଖାଯାଉଥିଲା । ଯାହାକୁ ଦର୍ଶନ କରି ପାଣ୍ଡବମାନେ ବିଜୟୀ ହେବାର ଆଶାପୋଷଣ କରିଥିଲେ । ବର୍ତ୍ତମାନ ସାରଳା ମହାଭାରତରେ ବର୍ଣ୍ଣିତ କେତୋଟି ଉଦ୍ଧୃତ ମାଧ୍ୟମରେ ଏହାର ବ୍ୟବହାରିକ ସ୍ଥିତିକୁ ନିର୍ଣ୍ଣୟ କରିହେବ ।

**ଶୁଭ ଶକୁନ -**

**"ଦଧିବାମନ ସୁମରିଣ ଶୁଭ ଅନୁକୂଳେ**
**ଉଠିଲେ କଉରୋବ ବଳ ଶୁଭ ଯେ ମଙ୍ଗଳେ ।" (ଭୀଷ୍ମପର୍ବ)**
**"ଭୂମିରେ ଘର ଘରଇ ଭରତୀଆ ପଛି**
**ସେ ଭରତିଆ ଅନୁକୂଳ ଲକ୍ଷିଲେ ଶ୍ରୀବସ୍ୟ ?" (ଉଦ୍-ଯୋଗ ପର୍ବ)**

**ଅଶୁଭ ଶକୁନ -**

**"ବିଶେଷ ସର୍ପ ଆବର ଅଟଇ ଲାଙ୍ଗୁଡ**
**ଯାତ୍ରା ଯୋଗେ ଦେଖିଲେ ଛୁଇଁଲେ ଅମଙ୍ଗଳା ।"**
**"ଯାତ୍ରା ଯୋଗେ ପଥେ ଦେଖିଲେ କାଳସର୍ପ**
**ଦେଖିଲେ ଅଯାତ୍ରା ସେ ଛୁଇଁଲେ ମହାପାପ ।"**

ଏତଦ୍‌ବ୍ୟତୀତ ସାରଳା ମହାଭାରତରେ ଯାହାପୂର୍ବରୁ ଦଧିମାଛ,ପୂର୍ଣ୍ଣକୁମ୍ଭ,ଶଙ୍ଖଚିଲ, ଉଦଉଦିଆପକ୍ଷୀ ଆଦି ଦର୍ଶନ କରିବା ଶୁଭ ଶକୁନ ଭାବେ ଗ୍ରହଣ କରାଯାଇ ସର୍ପ, ଯୋଗୀ, ଲାଙ୍ଗୁଡ ଯୁକ୍ତ ପ୍ରାଣୀ ଦର୍ଶନ କରିବା ହେଉଛି ଅଶୁଭ ଶକୁନ ବୋଲି ସୂଚନା ଦିଆଯାଇଛି ।
ସାରଳା ମହାଭାରତର କେତେକ ସ୍ଥଳରେ ଅତିଥି ସତ୍କାରର ବର୍ଣ୍ଣନା ରହିଅଛି । ଯେଉଁଥିରୁ ଉତ୍କଳୀୟ ଜନତାର ଅତିଥି ପରାୟଣତାର ପରିଚୟ ମିଳିଥାଏ । ରାଜସୂୟ ଯଜ୍ଞ ଅନୁଷ୍ଠିତ ହେବା ପୂର୍ବରୁ ଶ୍ରୀକୃଷ୍ଣ ପାଣ୍ଡବଙ୍କ ଘରେ ପହଞ୍ଚିଛନ୍ତି । କୁନ୍ତୀ ଆଦରରେ ତାଙ୍କୁ ପାଛୋଟି  ନେଇଛନ୍ତି। ତାଙ୍କ ଆଗମନୀ କୂଳବଧୂ ଦ୍ରୌପଦୀଙ୍କୁ ଜଣାଇ ଦେଇଛନ୍ତି । ଦ୍ରୌପଦୀ ଷଡରସରେ ସ୍ୱାଦିଷ୍ଟ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତି କରିଛନ୍ତି । ଘରର ମୁରବୀ ଭାବେ କୁନ୍ତୀ ଶ୍ରୀକୃଷ୍ଣଙ୍କୁ ଖାଦ୍ୟ ପରିବେଷଣ କରିଛନ୍ତି । ଭୋଜନ ପରେ ଶ୍ରୀକୃଷ୍ଣଙ୍କୁ ସୁବାସିତ ବିଡ଼ିଆ ପାନ ଦିଆଯାଇଛି । ଏସବୁ ଉପଚାର ବିଧି ଏବେବି ଓଡ଼ିଆ ସାମାଜିକ ଜୀବନରେ ବେଶ୍ ଉପଲବ୍ଧ ସାରଳା ମହାଭାରତରେ ଓଡ଼ିଆ ଘରର ଖାଦ୍ୟ ଓ ପାକ ପ୍ରଣାଳୀର ମନୋରମ ବର୍ଣ୍ଣନା ରହିଅଛି । ପୋଡ଼ ପିଠା, ଚିତଉପିଠା, ଗଣ୍ଡା ମାଂସ ତରକାରୀ ଆଦିର ପ୍ରସ୍ତୁତି ପ୍ରଣାଳୀ ପାଠ କଲେ ଓଡ଼ିଶାର ରନ୍ଧନ ପ୍ରଣାଳୀ ଦ୍ୱାରା କବି ବହୁଭାବରେ ପ୍ରଭାବିତ ହୋଇଥିବା ପରି ମନେ ହୋଇଥାଏ । ଦିବ୍ୟ ଅରୁଆ ଅନ୍ନ, କ୍ଷୀରି,, ପଞ୍ଚବର୍ଣ୍ଣ ପିଠା, ଏଣ୍ଡୁରି ପିଠା, ଧୁଆ ପଖାଳ ଆଦିର ପ୍ରସ୍ତୁତି ବିଧି ସଂପର୍କରେ ବର୍ଣ୍ଣନା ରହିଛି ।
'ବିରାଟ ପର୍ବ'ରେ ଭୀମ କିପରି ଅକଟା ପରିବା ଓ ଅବଟା ମସଲା ସାହାଯ୍ୟରେ ଖୁବ୍ କମ୍ ସମୟ ମଧ୍ୟରେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ହଜାର ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିପାରିଥିଲେ ତାର ବର୍ଣ୍ଣନା କବି ପ୍ରଦାନ କରିଛନ୍ତି । ସାରଳା ମହାଭାରତରେ ଓଡ଼ିଶାର ପ୍ରାଚୀନ ବସ୍ତ୍ରଗୁଡ଼ିକର ନାମ ସନ୍ନିବେଶିତ ହୋଇଅଛି । ଯଥା – ଦେବାଙ୍ଗ ପାଟ, ଝିନବାସ ପତନୀ, ଶ୍ୱେତ ବସ୍ତ୍ର, ଧୋତି, ଦୋସତା, କୋକିଳ ବସ୍ତ୍ର ପ୍ରଭୃତି । ମହାଭାରତର ମଧ୍ୟପର୍ବରେ ଯୋଦ୍ଧାମାନଙ୍କର ବେଶଭୂଷାର ବର୍ଣ୍ଣନା ରହିଛି । ଯଥା – ଯୋଦ୍ଧାମାନେ କଟିରେ ତରବାରୀ, ଲଲାଟରେ କସ୍ତୁରୀ ତିଳକ, ମଥାରେ ପାଗ, ଅଣ୍ଟାରେ ପାଛୋଟି ଟୋପର ଓ ମୁକୁଟମାନ ବ୍ୟବହାର କରୁଥିଲେ । ମହାଭାରତରେ ବ୍ରାହ୍ମଣମାନଙ୍କର ବେଶଭୂଷାର ମଧ୍ୟ ପରିଚୟ ରହିଛି । ସେମାନଙ୍କ କାନ୍ଧରେ ପଇତା, ଦ୍ୱାଦଶ ଚିତା, ତ୍ରିକଛ ବସନ, ହସ୍ତରେ ମୁଦ୍ରିକା, କୁଶବଟୁ, ଗଡ଼ୁ ଓ ତମ୍ବାପାତ୍ର, ହାତରେ ଜପାମାଳି ଶୋଭା ପାଉଥିଲା ବୋଲି କବି ବର୍ଣ୍ଣନା କରିଛନ୍ତି । ଶବରମାନଙ୍କର ବେଶଭୂଷା ବର୍ଣ୍ଣନା ମହାଭାରତର ବିଭିନ୍ନ ସ୍ଥାନରେ ବର୍ଣ୍ଣିତ ହୋଇଛି ।  ସେମାନଙ୍କର ବେଶଭୂଷା ପର୍ଯ୍ୟାୟରେ ଧାମଣାକାଠର ଧନୁ, କଣ୍ଟା ବାଉଁଶ ଗୁଣ, ଡାଳି ଆଭରଣ, ଫିରୀଖି ନାରାଚ, ତୃଣୀର, ଗୁଞ୍ଜିଚାରଗଡମାଳି, କୋଇଲି ସୂତା ପଇତା, କୁମୁଦଲାଲ ଉତୁରି ପ୍ରଭୃତିର ବର୍ଣ୍ଣନା ବେଶ୍ ଚିତ୍ତାକର୍ଷକ ହୋଇଛି । ଅଳଙ୍କାର ପର୍ଯ୍ୟାୟରେ ମହାଭାରତରେ ନିମ୍ନୋକ୍ତ ଅଳଙ୍କାରଗୁଡ଼ିକର ବର୍ଣ୍ଣନା ରହିଅଛି । ଯଥା ତାଡ଼, ବାହୁଟି, ଜଗଦଳା, କଙ୍କଣ, ନେପୁର, ମୁକୁଟ, କୁଣ୍ଡଳ, ମୁଦି ଇତ୍ୟାଦି । କବି ସାରଳା ଦାସ ନାରୀର ବେଶଭୂଷା ପର୍ଯ୍ୟାୟରେ ତାର ଶରୀରର କେଉଁ ସ୍ଥାନରେ କେଉଁ ଅଳଙ୍କାର ଶୋଭା ପାଉଛି– ତାହାର ବର୍ଣ୍ଣନା ମଧ୍ୟ କରିଛନ୍ତି । ଗୃହୋପକରଣର ବିଭିନ୍ନ ଦ୍ରବ୍ୟ ମଧ୍ୟରେ ଓଡ଼ିଶାର ସାଂସ୍କୃତିକ ସ୍ୱରୂପ ଦେଖିବାକୁ ମିଳିଥାଏ । ଘରର ବିଭିନ୍ନ ଉପକରଣ ଭିତରେ ସମ୍ଭ୍ରାନ୍ତ ଘରଠାରୁ ଆରମ୍ଭ କରି ଦୀନ ଦରିଦ୍ର କୁଟୀର ପର୍ଯ୍ୟନ୍ତ ସବୁ ଟିକିନିକି ଚିତ୍ର ମହାଭାରତରେ ବର୍ଣ୍ଣିତ ହୋଇଅଛି ।
ସାରଳା ମହାଭାରତ ହେଉଛି ପ୍ରାଚୀନ ଓଡ଼ିଆ ସାମାଜିକ ରୀତିନୀତି ଓ ଲୋକବିଶ୍ୱାସର ଗନ୍ତାଘର । ଏହି ରୀତିନୀତି ଆବହମାନ କାଳରୁ ଓଡ଼ିଶାର ସମାଜରେ ଗଡ଼ିଗଡ଼ି ଆସିଥିବା ସଂସ୍କାରର ଏକ ଏକ ନମୁନା । ବାସ୍ତବରେ ଏହି ସଂସ୍କୃତି ଓଡ଼ିଆ ଜାତିର ସଂସ୍କୃତି । ବର୍ତ୍ତମାନ 'ମହାଭାରତ'ରେ ବ୍ୟବହୃତ ହୋଇଥିବା ଲୋକବିଶ୍ୱାସଗୁଡ଼ିକୁ ଆମେ ନିମ୍ନରେ ଆଲୋଚନା କରିପାରିବା – ଦେବଦେବୀଙ୍କୁ ନିନ୍ଦା କଲେ ନର୍କଗତି ହୋଇଥାଏ । ବ୍ରାହ୍ମଣମାନଙ୍କୁ ନିନ୍ଦା କଲେ ବଂଶ ନାଶ ହୋଇଥାଏ । ମାତାକୁ ନିନ୍ଦା କଲେ ବିପଦ ପଡ଼େ । ଶିକ୍ଷା ଗୁରୁଙ୍କୁ ନିନ୍ଦା କଲେ ବିଦ୍ୟା ହୁଏ ନାହିଁ । ବରଂ ସେ ପାଗଳ ହୋଇ ବୁଲେ । ଲକ୍ଷ୍ମୀଙ୍କୁ ନିନ୍ଦା କଲେ ଚିରରୋଗି ଟିଏ ହୋଇ ରହିବାକୁ ହୋଇଥାଏ । ପୁତ୍ର ନିନ୍ଦା କଲେ ନିଜର ସବୁକିଛି ଶେଷ ହୋଇଯାଏ । ସ୍ତ୍ରୀ ନିନ୍ଦା କଲେ ନ ମିଳଇ ଗୃହବାସ । (ଆଦିପର୍ବ) ଆଦି ଲୋକାଚାରର ବର୍ଣ୍ଣନା ରହିଅଛି । ଶଶୁର ଘରେ ଜ୍ୱାଇଁ ଅଢାଇଦିନରୁ ବେଶି ଦିନ ରହିବା ଅନୁଚିତ । କବିଙ୍କ ସତର୍କବାଣୀ ହେଉଛି –

**"ଆରେ ଶଶୁର ଅନ୍ନ ଖାଇ ବଞ୍ଚିଇ ଯେବଣ ଜନ**
**କୁପୁରୁଷରେ ଲେଖା ହୁଅଇ ସେ ଜାଣ ।" (ବନପର୍ବ)**

ପିତାଙ୍କ ବଚନକୁ ଯଦି ପୁତ୍ର ଅବମାନନା କରିଥାଏ, ତାର ଆୟୁଷ ନିଶ୍ଚିତ ଭାବେ କ୍ଷୟ ହୋଇଥାଏ । ଶ୍ୱଶୁର ବଚନ ଯଦି କୁଳବଧୂଟିଏ ଲଂଘନ କରେ ସେ ସନ୍ତାନ ହୀନ ହୋଇଥାଏ । ଆଉ ସ୍ୱାମୀର ବଚନକୁ ଯଦି ସ୍ତ୍ରୀ ଅବମାନନା କରିଥାଏ ତାକୁ ଘରବାସତ  ମିଳେନାହି ପରନ୍ତୁ ସେ ଦୋଚାରୁଣୀ ଭାବେ ସମାଜରେ ପରିଚିତ ହୋଇଥାଏ । ଏହିପରି ଭାବେ 'ସାରଳା ମହାଭାରତ'ର ବିଭିନ୍ନ ସ୍ଥଳରେ ଅନେକ ଲୋକବିଶ୍ୱାସ ଓ ରୀତି ନୀତିର ବର୍ଣ୍ଣନା ରହିଅଛି ।
ମହାଭାରତର 'ସଭାପର୍ବ'ରେ କବି 'ଯଜ୍ଞଶାଳା' ଗଠନ ପ୍ରସଙ୍ଗରେ ଶ୍ରୀକୃଷ୍ଣ ଦ୍ୱାରିକାର ମହାରାଣାମାନଙ୍କୁ ଡକାଇ ଶହ ଶହ ନଅର ତିଆରି କରିବା ସହିତ ସଦୃଶ୍ୟ ଯଜ୍ଞଶାଳାମାନ ନିର୍ମାଣ କରିଛନ୍ତି । ଶିଳ୍ପ ପ୍ରସଙ୍ଗରେ ଯଜ୍ଞଶାଳ ନିକଟରେ ଛତ୍ରଶାଳ, କୁମ୍ଭାରଶାଳ, ଝିମିଶାଳ ମାନ ଗଢ଼ି ଉଠିଛି । ବ୍ରହ୍ମବିନ୍ଧାଣି ମାନେ ତମ୍ବା ଯୋଗାଡ଼ କରିଅଛନ୍ତି, ଝିମିଶାଳରେ ଲୁହା ଆଉଟା ହେଉଛି, କମାର ଶାଳରେ ଆସି (ଖଣ୍ଡା ) ଧାର କରୁଛି, ଶହ ଶହ ବୈଶ୍ୟ (ବଣିଆ) ସୁବର୍ଣ୍ଣ ଅଳଙ୍କାର ପ୍ରସ୍ତୁତ କରିଥାନ୍ତି । ଯାହାକି ସେ ସମୟରେ ଓଡ଼ିଶାରେ ପ୍ରଚଳିତ କୁଟୀର ଶିଳ୍ପର ପ୍ରମାଣ ଦେଇଥାଏ । ପ୍ରସ୍ତର ପାତ୍ରରେ ମନୋରମ କାରୁକାର୍ଯ୍ୟ ପାଇଁ ଓଡ଼ିଶା ପ୍ରସିଦ୍ଧ । ମହାଭାରତର 'ବନପର୍ବ'ରେ କବି ବଜ୍ରକୀଟ ପ୍ରସଙ୍ଗରେ ପ୍ରସ୍ତର କାମ ଓ ମୂର୍ତ୍ତିତତ୍ତ୍ୱର କେତେ ଆଭାସିତ ଚିତ୍ର ପ୍ରଦାନ କରିଅଛନ୍ତି । ନିମ୍ନୋକ୍ତ ପଦ୍ୟାଶରେ ତାହାର ପ୍ରାମାଣିକ ଚିତ୍ର ସ୍ପଷ୍ଟ ।


© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**"କେଶବଂ ମୁରତି ନରସିଂହ ବାହୁବର୍ଣ୍ଣ**
**କାମେଶ୍ୱର ଗୋପାଳ ଗୋବର୍ଦ୍ଧନ ବଳଭଦ୍ର ।**
**ପର୍ଶୁରାମ ଅନନ୍ତ ଶୁଦ୍ରା ବରାହ ମଧୁଶୁଧା**
**ବାସୁଦେବ ବାମନ ମୂର୍ତ୍ତି ଶିଳା ଶ୍ରୀକରେ ମୂର୍ତ୍ତି କାଟି**
**ଗଣ୍ଡକୀ ନଦୀରେ ସେ ଥାଇ ବଜ୍ରକିଟୀ ।" (ବନପର୍ବ)**

ପ୍ରାଚୀନ କାଳରୁ ଓଡ଼ିଶାରେ ତାଳପତ୍ର ଚିତ୍ର ଓ ପଟ୍ଟଚିତ୍ର ଲାଗି ଦେଶ ବିଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା । ଯାହାର ପ୍ରମାଣ ମହାଭାରତରେ ବର୍ଣ୍ଣିତ ବିବାହ ଓ ସ୍ୱୟଂବର ସଭାରେ ପ୍ରଦର୍ଶିତ 'ଚିତ୍ରପଟ' ପ୍ରଦର୍ଶନ କ୍ରମରେ ବର୍ଣ୍ଣିତ ହୋଇଛି । ଯଥା –

**"ବିଚିତ୍ର କର୍ମମାନ କାଛରେ ଲେଖନ୍ତି"**
**"ସବୁ ଘରେ ଚିତ୍ର ପ୍ରତିମା ଲେଖାଇବୁ**
**ବିଚିତ୍ର ପ୍ରତିମାମାନ ଦେଖାଇବୁ ସବୁ ।" (ମଧପର୍ବ)**

ଏହିପରି ଭାବେ କବି ସାରଳା ଦାସ ବର୍ଣ୍ଣନା ଛଳରେ ଓଡ଼ିଶାର ସୂଚୀଶିଳ୍ପ ଶୋଭିତ ବିଶଦ ଚିତ୍ର ପ୍ରଦାନ କରି ମହାଭାରତ ଗ୍ରନ୍ଥକୁ ଏକ ଜାତୀୟ ଗ୍ରନ୍ଥରେ ପରିଣତ କରିଛନ୍ତି ।

କଳାର ଦେଶ ଉତ୍କଳ ନୃତ୍ୟ ସଙ୍ଗୀତ କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ତାର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା । ବିଶେଷକରି ଓଡ଼ିଶୀ ନୃତ୍ୟ, ସଙ୍ଗୀତରେ ଏହାର ସ୍ୱାତନ୍ତ୍ର୍ୟତା ବେଶ୍ ପରିଲକ୍ଷିତ । ସାରଳା ସାହିତ୍ୟରେ ଏହାର ବହୁ ନିଦର୍ଶନ ଦେଖିବାକୁ ମିଳିଥାଏ ଯଥା - ବିରାଟ ପର୍ବରେ ଅର୍ଜୁନଙ୍କର 'ନାଟ ମନ୍ଦିର'ରେ ନୃତ୍ୟ ପରିବେଷଣର ବର୍ଣ୍ଣନା ରହିଛି । ଏହି ପ୍ରସଙ୍ଗରେ 'ପଞ୍ଚତାଳ' ଓ ଏକବିଂଶ ପ୍ରକାର ନୃତ୍ୟ ମୂର୍ଚ୍ଛନାର କଥା କବି ଉଲ୍ଲେଖ କରିଛନ୍ତି । ମଧପର୍ବରେ ବିବାହ ଉତ୍ସବ ସମୟରେ ବାରନାରୀ, ବିଳାସୀମାନେ ମଙ୍ଗଳଗୀତ ଗାନ କରିବା ସହିତ ନୃତ୍ୟଗୀତ ପରିବେଷଣ କରୁଥିବା ବର୍ଣ୍ଣନା ରହିଛି ।

**"ବଜାନ୍ତି ଗାବନ୍ତି ସୁସ୍ୱରେ ଗାୟେଣୀ**
**ନାଚନ୍ତି ଗଣିକାୟେ ସୁର ବିଳାସୁଣୀ" (ମଧପର୍ବ)**
**ପ୍ରସଙ୍ଗକ୍ରମେ କବି କେତେକ ପ୍ରାଚୀନ ରାଗ-ରାଗିଣୀର ସୂଚନା ଦେଇଛନ୍ତି**
**ଯାହାକି 'ସୁରେଖା ହରଣ' ପ୍ରସଙ୍ଗରେ ରହିଅଛି ।**
**"କାନଡ଼ା ରାଗେଣ ଯେ ମହୁରି ବାଜଇ**
**ବାଜଣା ଯନ୍ତ୍ର ବଜାଇ ସେ ନାରଦ ନାଚଇ ।" (ମଧପର୍ବ)**

ଏତଦ୍‌ବ୍ୟତୀତ ଭୀଷ୍ମ ପର୍ବରେ ଗଣେଶଙ୍କ ନୃତ୍ୟ ପ୍ରସଙ୍ଗରେ ବିଭିନ୍ନ ରାଗରାଗିଣୀର ଉଲ୍ଲେଖ କରାଯାଇଛି । ଯଥା – ମାଳବ, ବସନ୍ତ, ଭୈରବୀ, ମାଳଶ୍ରୀ, ଗଉଡ଼ୀ, ବରାଡ଼ି, କର୍ଣ୍ଣାଟ, ଗୁଜ୍ଜରୀ, ମହ୍ଲାର, ଯାମଳା, ବଙ୍ଗଳାଶ୍ରୀ, କେଦାର, ପଞ୍ଚମ ବିରାଡ଼ି ଇତ୍ୟାଦି । ସାରଳା ମହାଭାରତ ଓ ଚଣ୍ଡୀପୁରାଣରେ ବିଶେଷକରି ସ୍ତୁତି ଓ ସଙ୍ଗୀତ ନୃତ୍ୟାଦିର ବ୍ୟବହୃତ ବିଭିନ୍ନ ବାଦ୍ୟଯନ୍ତ୍ରର ପରିଚୟ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ବିବାହ ଓ ଅନ୍ୟାନ୍ୟ ଉତ୍ସବର ମଧ ବାଦ୍ୟ ଯନ୍ତ୍ରର ଚଳଣି ଥିବାର ବର୍ଣ୍ଣନା ରହିଛି । ବିବାହ ଉତ୍ସବରେ ବ୍ୟବହୃତ ବାଦ୍ୟ ମଧରେ ଢୋଲ, ଦମା, ଦୋସରୀ, ଟମକ, ଘୁମୁରା, ତାଳ, କଂସାଳ, ମର୍ଦ୍ଦଳ, ଶଙ୍ଖ, ତେଲିଙ୍ଗିବାଜା, ବଂଶୀ, ନିଷାଣ, ଆଦି ଥିଲା ପ୍ରଧାନ ବାଦ୍ୟଯନ୍ତ୍ର । ୟୁଧିଷ୍ଠିରଙ୍କ ଅଭିଷେକଉତ୍ସବରେ ନୃତ୍ୟ ଗୀତର ପରିବେଷଣ ମଧରେ ବିଭିନ୍ନ ବାଦ୍ୟଯନ୍ତ୍ରର ଉଲ୍ଲେଖ ରହିଅଛି-

**"ମୃଦଙ୍ଗ ଶଳ କଂସାଳ ଯେ ମହୁରୀ ବ୍ରହ୍ମବିଞ୍ଚ ।**
**ସରିମର୍ଦ୍ଦଳ ପଡ଼ି ବୀଣା ଯନ୍ତ୍ର ଯେ ଗଜଣା ।"**

ସାରଳା ମହାଭାରତରେ ବିଭିନ୍ନ ପ୍ରସଙ୍ଗରେ ଯନ୍ତ୍ର, ମନ୍ତ୍ର ଓ ଜଡ଼ିବୁଟି ଆଦି ବିଷୟ ବହୁ ଭାବରେ ବର୍ଣ୍ଣିତ । ପ୍ରାଚୀନ କାଳରେ ଜନସାଧାରଣଙ୍କର ଯନ୍ତ୍ର ମନ୍ତ୍ରାଦିରେ ଗଭୀର ବିଶ୍ୱାସ ରହିଥିଲା । ପାଣ୍ଡବ ମାନଙ୍କୁ ଝିମାଣିଶାଳ ରୁ ଉଦ୍ଧାର କରିବା ପାଇଁ ବିଦୁର ଖନିକାର ଟସ୍କରର ସାହାଯ୍ୟ ନେଇଥିଲେ । ଲକ୍ଷଣାସ୍ତ୍ର ନିର୍ମାଣ ପ୍ରସଙ୍ଗରେ ଖନିକାରର ବକ୍ତବ୍ୟ ମଧରେ ଯନ୍ତ୍ର ମନ୍ତ୍ରାଦି କ୍ରିୟା ସମ୍ପର୍କିୟ ବର୍ଣ୍ଣନା ରହିଛି –

**"ରାତ୍ର ହୋଇଲେଣ ଶାଳ ଯନ୍ତ୍ର ପୂଜା କରି**
**ନବତନ ଅଗ୍ନି ଲୋହ ପାଷାଣରୁ ଉତ୍ତାରି,**
**ରାତ୍ର ତିନି ପ୍ରହରେ କୃଷ୍ଣ ଛାଗଳେକ ନେଇ**
**ଚଉରୁଣୀ ଦେବୀଙ୍କ ରକତ ବଳି ଦେଇ ।" (ଆଦିପର୍ବ)**

ଶମୀବୃକ୍ଷ କ୍ରୋଟରରୁ ଅସ୍ତ୍ର ଆଣିବା ବେଳେ ଉତ୍ତରକୁମାରଙ୍କୁ ସର୍ପ ଦଂଶନ କରୁଛି । ଅର୍ଜୁନ ମହା ଗାରଡି ମନ୍ତ୍ର ରେ ତାଙ୍କୁ ଝାଡିଛନ୍ତି–

**"ଝାଡ଼ନ୍ତେ ଝଡ଼ ନ ଝଡ଼ୁ ବୋଲି କାହାର ରାଣ**
**ଶ୍ରୀ ଗୋରେଖନାଥ ସ୍ୱାମୀଙ୍କର କୋଟି କୋଟି ରାଣ ।" (ବିରାଟ ପର୍ବ)**

ଓଡ଼ିଶାର ପୁରପଲ୍ଲୀରେ ବୈଦ୍ୟରାଜମାନଙ୍କର ଭୂମିକା ଥିଲା, ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେମାନେ ବିଭିନ୍ନ ବୃକ୍ଷର ପତ୍ର, ଚେର ଓ ଡାଳ ଇତ୍ୟାଦିରେ ଜଡ଼ିବୁଟି ପ୍ରସ୍ତୁତ କରି ଜନସାଧାରଣଙ୍କ ସେବା କରିଥାନ୍ତି । ଏହି ପରମ୍ପରାର ଦାୟାଦ ଭାବେ ସାରଳା ଦାସ 'ଖାଣ୍ଡବ ଦହନ' ପ୍ରସଙ୍ଗରେ ପାଣ୍ଡବ ବନରେ ଥିବା ବିଭିନ୍ନ ବୃକ୍ଷଲତାର ଦ୍ରବ୍ୟଗୁଣ ସମ୍ବନ୍ଧରେ ଏକ ଦୀର୍ଘ ତାଲିକା ପ୍ରଦାନ କରିଛନ୍ତି । ଇନ୍ଦ୍ର ଅର୍ଜୁନଙ୍କୁ ବୃକ୍ଷଲତା ଚିହ୍ନାଇ ଦେଇ ସେଗୁଡ଼ିକର ପ୍ରୟୋଜନୀୟତା ବିଷୟରେ ବୁଝାଇଛନ୍ତି । ଯଥା – ବୃଦ୍ଧନାସେନୀ ବୃକ୍ଷର ବିନ୍ଦୁଏ ଜଳପାନ କଲେ ପାଚିଲା କେଶ କଞ୍ଚା ହୋଇଥାଏ । ରୋଗନାସିନୀ ବୃକ୍ଷର ବିନ୍ଦୁଏ ଜଳ ପାନ କଲେ ବାତ, ପିତ୍ତ, ଶ୍ଳେଷ୍ମାଦି ବ୍ୟାଧି ଦୂର ହୋଇଥାଏ । ସେହିପରି ସନ୍ତାନ ଉଦ୍ୟାନ ବୃକ୍ଷର ଫଳ ତୁଳା ସଂକ୍ରାନ୍ତି ଦିନ ଭକ୍ଷଣ କଲେ କନ୍ଦର୍ପ ସମ ପୁତ୍ର ଲାଭ ହୋଇଥାଏ ।

ତତ୍କାଳୀନ ସମାଜରେ ବିଭିନ୍ନ ପ୍ରକାର କ୍ରୀଡ଼ାର ପ୍ରଚଳନ ରହିଥିଲା । ଝିମିଟି ବା ଝିମାଣି ଖେଳ ଓ ପଶାଖେଳ ଦୁଇଟିରର ଏକ ସ୍ପଷ୍ଟ ଚିତ୍ର ଆମେ ଦେଖୁ ମହାଭାରତରେ । ବାଲ୍ୟକାଳରେ କୌରବ ଓ ପାଣ୍ଡବମାନଙ୍କ ମଧରେ ଝିମାଣିଖେଳ ଅନୁଷ୍ଠିତ ହେଉଥିଲା । ବାରମ୍ବାର ପରାଜିତ ହେଉଥିବା କୌରବଗଣଙ୍କ କ୍ରୋଧରୁ ପରବର୍ତ୍ତୀକାଳରେ ମହାଭାରତ ଯୁଦ୍ଧର ସୂତ୍ରପାତ ହୋଇଥିଲା ବୋଲି ମନେ କରାଯାଇପାରେ । ଶକୁନିର ପ୍ରରୋଚନାରେ ଆୟୋଜିତ କପଟପଶା ଖେଳ ହିଁ ଥିଲା ପାଣ୍ଡବମାନଙ୍କ ବନବାସର କାରଣ, ଧୂଳିଖେଳ, ଶିକାର, ବନବିହାର, ଜଳକ୍ରୀଡ଼ା ପ୍ରଭୃତି ସମାଜରେ ପ୍ରଚଳିତ ଥିବାର ଜଣାଯାଏ ବିଭିନ୍ନ ପ୍ରସଙ୍ଗରୁ । ବିରାଟ ପର୍ବରେ ବସନ୍ତ ଉତ୍ସବର ପାଳନରେ ଜଳ କ୍ରୀଡ଼ାର ବର୍ଣ୍ଣନା ରହିଅଛି । ମଧପର୍ବରେ ଦେବକୀ, ସୁଭଦ୍ରା ଓ ଅନ୍ୟାନ୍ୟ କନ୍ୟାମାନେ ନଦୀ ମଧରେ କରିଥିବା ଜଳକେଳି ଓ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନେଇ କରୁଥିବା ଜଳକ୍ରୀଡ଼ାର ସୁନ୍ଦର ବର୍ଣ୍ଣନା କବି ପ୍ରଦାନ କରିଛନ୍ତି । ବିରାଟ ପର୍ବରେ ଆୟୋଜିତ ଚନ୍ଦନ ଉତ୍ସବରେ କୀଚକ ପ୍ରଭୃତି ନୌବିହାର କରିଥିବାର ବର୍ଣ୍ଣନା କରାଯାଇଛି । କୁନ୍ତୀ ଓ ମାଦ୍ରୀ ପଣ୍ଡୁଙ୍କ ସହ ବନବିହାର କରିବା ଓ ପାର୍ବତୀ ଶିବଙ୍କ ସହ ବନଭ୍ରମଣରେ ଗମନ କରିବାର ଯେଉଁ ଚିତ୍ର ସାରଳା ଦାସ ଦେଇଛନ୍ତି, ତାହା ସୂଚିତ କରେ ଯେ, ସାରଳାଙ୍କ ସମୟରେ ସମାଜରେ ସମ୍ଭ୍ରାନ୍ତ ବ୍ୟକ୍ତିମାନେ, ଏପରିକି ପତିଙ୍କ ସହିତ ପତ୍ନୀମାନେ ସାମୟିକ ଭାବେ ବନବିହାରରେ ନିର୍ଗତ ହେଉଥିଲେ ।

ସେ ସମୟରେ ପ୍ରତ୍ୟେକ ଜାତିର ଲୋକେ କୌତୁକ କର୍ମ କରୁଥିଲେ । ଉଭୟ ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟର ପ୍ରଚଳନ ରହିଥିଲା । ସୁହାଣୀ କନ୍ୟା ପ୍ରସଙ୍ଗରୁ ଜାଣିବାକୁ ମିଳେ ଯେ ହରି ସାହୁ ବଣିଆ ସୁନା ରୂପା ବ୍ୟବସାୟ କରୁଥିଲେ ।


© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପାର୍ବତୀଙ୍କ ଗୋପାଳୁଣୀ ବେଶ ସୂଚିତ କରିଥାଏ, ଗଉଡୁଣୀ ଦୁଧ, ଦହିର ପସରା ନେଇ ବୁଲୁଥିଲା । ଶବର ମାଂସ ବିକ୍ରି କରୁଥିଲା । ସାଧବମାନେ ବ୍ୟବସାୟୀ ଥିଲେ ଏବଂ ଉଭୟ ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ସହିତ ସେମାନେ ସଂପୃକ୍ତ ରହିଥିଲେ । ବହିର୍ବାଣିଜ୍ୟ ସଂପାଦିତ ହେଉଥିଲା ବଡ଼ ବଡ଼ ନୌକା ସାହାଯ୍ୟରେ । ସାରଳାଙ୍କ ସମୟରେ ନାରୀର ବେଶଭୂଷା ସଂପୂର୍ଣ୍ଣ ଉତ୍କଳୀୟ ଥିଲା । ଦ୍ରୌପଦୀଙ୍କ ଅଳଙ୍କାର ବର୍ଣ୍ଣନାରୁ ଦେଖାଯାଏ ଯେ ସେ ସମୟର ଏକ ସମ୍ଭ୍ରାନ୍ତ ଓଡ଼ିଆ ବଧୂ ମଥାରେ ମୁକୁତାର ଜାଲି ଉପରେ ସୀମନ୍ତିନୀ ମଣି, ଲଲାଟ ରେ ହୀରା ଖଚିତ ଅଳଙ୍କାର, ନାସାରେ ବସଣୀ, ବକ୍ଷ ଦେଶରେ ହାର, ହସ୍ତରେ କଙ୍କଣ, ରତ୍ନଚୁଡ଼ି, ଅଙ୍ଗୁଳିରେ ମୁଦି ଏବଂ ପାଦରେ ନୂପୁର ବ୍ୟବହାର କରୁଥିଲେ । ମଧ୍ୟ ପର୍ବରେ ବାଣାସୁର-ନନ୍ଦିନୀ ଉଷାର ବେଶ ବର୍ଣ୍ଣନା ଏହିପରି ପ୍ରଦତ୍ତ –

**"କପାଳେ ସିନ୍ଦୂର ଅରୁଣ ଜ୍ୟୋତି ଜାଣି**
**ନାସାରେ ଗଜ ମୁକୁତା ସୁବର୍ଣ୍ଣ ରଷାଣି ।**
**ନୟନେ କଜ୍ଜଳ ଭ୍ରୂଲତା ବେନି ସାଜେ**
**କର୍ଣ୍ଣେଣ ରତ୍ନ ଚାପ ଗୁରୁ ଶୁକ୍ର ଗଞ୍ଜେ ।**
**କର୍ଣ୍ଣେ ଶୋଭାବନ ମୁକୁତା ସରି ଚାପ**
**ବାହେ ରତ୍ନ ଚୁଡ଼ି ନାନା ମଣି ଆପ**
**ପୟରେ ନେପୁର ବାଜଇ ରୁଣୁଝୁଣୁ**
**ଅଙ୍ଗୁଷ୍ଠି ମୁଦ୍ରିକା ଦିଶେ ସୂର୍ଯ୍ୟ ଜ୍ୟୋତି ସମ**
**ଦେବାଙ୍ଗ ବସନ ପରିହରଣ ଯେ ବାଳୀ**
**ନାନା କୁସୁମେ କବରୀ ଅଛଇ ଶାମଳୀ ।"**

ସାରଳାଙ୍କ ସମୟରେ କୃଷିଚିତ୍ର ସାରଳା ମହାଭାରତରେ ସ୍ଥାନ ବିଶେଷରେ ଫୁଟି ଉଠିଛି । ଉଦ୍‌ଯୋଗ ପର୍ବରେ 'ବାବନା ଭୂତ' ପ୍ରସଙ୍ଗରେ ତତ୍କାଳୀନ କୃଷି ସମ୍ବନ୍ଧୀୟ ବିବରଣୀ ଦେଖିବାକୁ ମିଳିଥାଏ । ଆଦିପର୍ବର ପରିଶିଷ୍ଟରେ ପ୍ରଦତ୍ତ ସାରଳା ଦାସଙ୍କ ନିଜ ସମ୍ବନ୍ଧୀୟ ବିବରଣୀରୁ ଜଣାଯାଏ ଯେ ସାରଳା ଦାସ ନିଜେ ସେ ସମୟରେ କାକୁଡ଼ି, ଧାନ, ମାଣ୍ଡିଆ, ଆଖୁ ଇତ୍ୟାଦି ଚାଷ କରୁଥିଲେ। କୃଷିକ୍ଷେତ୍ରକୁ ଟେଣ୍ଡା ସାହାଯ୍ୟରେ ଜଳ ଯୋଗାଇ ଦିଆଯାଉଥିଲା । ଯଥା –

**"ଚାଷ ଚଷିଣ ଆମ୍ଭେ ନାନା କୃଷି କରି**
**ଧାନର ଚାଷ କାକୁଡ଼ି ମାଣ୍ଡିଆ ଆଦି କରି ।**
**ପ୍ରାଚୀ ନଦୀର ଯେ ଉତ୍ତର କୂଳରେ**
**ଆଖୁ ଭୂମି ଖଣ୍ଡିଏ ଯେ କରିଛୁ ସେଠାରେ ।**
**ଯନ୍ତ୍ର ସଜ ବସାଇ ପାଣି ଟେକୁ ତହିଁକି**
**ଚାରି ସଜ ଗୋଟି ଯେ ବସାଇଣ ହାକି ।" (ଆଦିପର୍ବ)**

ଧାନ, ମୁଗ, ବିରି, କପା, ହଳଦୀ, ଆଖୁ, ରାଶି,ସୋରିଷ ଇତ୍ୟାଦି ଶସ୍ୟ ଉତ୍ପାଦନ ସମ୍ବନ୍ଧରେ ସଙ୍କେତ ମିଳିଥାଏ ମହାଭାରତର ଅନେକ ସ୍କନ୍ଦରେ ଏହି ସମସ୍ତ ଶସ୍ୟ ସମକାଳୀନ ସମାଜରେ ଉତ୍ପାଦିତ ହେଉଥିଲା । ସମାଜରେ ପାନ ଓ ଗୁଆର ପ୍ରଚଳନ ରହିଥିଲା। ପ୍ରସଙ୍ଗ କ୍ରମେ କବି ଆଳୁ, ସାରୁ, କଦଳୀ, ବାଇଗଣ ଇତ୍ୟାଦି ପନିପରିବାର ଉଲ୍ଲେଖ ମଧ୍ୟ ରହିଛି ।

ଆଲୋଚକ ଡଃ ବଂଶୀଧର ମହାନ୍ତି ମତ ଦିଅନ୍ତି – "ମହାଭାରତର ବିଭିନ୍ନ ପର୍ଯ୍ୟାୟରେ କବି କୃଷି ସମ୍ବନ୍ଧୀୟ ଯେଉଁ ଚିତ୍ର ଦେଇଛନ୍ତି, ତାହା ତତ୍କାଳୀନ ଓଡ଼ିଶାର ଗ୍ରାମ୍ୟ ସଂସ୍କୃତିର ଯଥେଷ୍ଟ ପରିଚୟ ଦେଇଥାଏ । ସାରଳା ମହାଭାରତର ଯେଉଁ କୃଷି ଚିତ୍ରଣ ଆଜି ମଧ୍ୟ ଓଡ଼ିଶାର ପୁରପଲ୍ଲୀରେ ଜୀବନ୍ତ ରୂପେ ରହିଅଛି – ସେହି ହଳିଆ, ଲଙ୍ଗଳ, ମଇ, ହଳିଆ ପାଇଁ ଭାତ, ସେହି କୃଷି ସହିତ ଜଡ଼ିତ ଭୂତପ୍ରେତ କାହାଣୀ ଓ ଗୋଚର ଭୂଇଁର ସୁରକ୍ଷା ପ୍ରଭୃତି ଆଜି ଓଡ଼ିଶାର ଘରେ ଘରେ ପ୍ରଚଳିତ । ଓଡ଼ିଶା କାଳେ କାଳେ କୃଷି ପ୍ରଧାନ ପ୍ରଦେଶ ହୋଇ ଆସିଛି । ଆଜିର ଖାଦ୍ୟର ଉତ୍କଟ ଅଭାବ ଅନଟନ ବେଳେ ସାରଳା ମହାଭାରତର କୃଷି ଚିତ୍ରଣ ଓ ପ୍ରଜାର ସ୍ୱଚ୍ଛଳ ଆର୍ଥିକ ଅବସ୍ଥା ତତ୍କାଳୀନ କୃଷି ସମୃଦ୍ଧ ସ୍ୱର୍ଣ୍ଣପ୍ରସୂ ଓଡ଼ିଶାର ଏକ ରୁଦ୍ଧିମନ୍ତ ଆଲେଖ୍ୟ ପ୍ରଦାନ କରିଥାଏ ।"

ଦ୍ୱାଦଶ ଶତାବ୍ଦୀର ଓଡ଼ିଶାରେ ଭୂମି ମାପ ଓ ଭୂ-ରାଜସ୍ୱ ବିଧି ପ୍ରଚଳିତ ଥିବାର ଐତିହାସିକ ଷ୍ଟାର୍ଲିଂ ମତ ଦିଅନ୍ତି । ଏହି ପୁରାତନ ପଦ୍ଧତି ଶହଶହ ବର୍ଷ ଧରି ଚଳି ଆସୁଥିଲା । ମାତ୍ର ଗଜପତି କପିଳେନ୍ଦ୍ରଦେବ ଏହି ପଦ୍ଧତିରେ ପରିବର୍ତ୍ତନ ଆଣି ପାରିଥିଲେ । କୋଡ଼ିଏ ହାତରେ ଏକ ନଳ ଏବଂ କୋଡ଼ିଏ ମାଣରେ ଏକ ବାଟିର ପ୍ରଚଳନ, ସେ ସମୟରେ ହୋଇଥିଲା । ରାଜସ୍ୱ ସମ୍ବନ୍ଧରେ ବିଭିନ୍ନ ପ୍ରକାର ବର୍ଣ୍ଣନା ଦିଆଯାଇଛି । ବନପର୍ବରେ ଚାଷୀମାନେ କିଛି କର ଦେଉ ନଥିବାର ସୂଚନା ମିଳିଥାଏ । ପୁନଶ୍ଚ ବିଭିନ୍ନ ରାଜାଙ୍କ ଶାସନରେ ପ୍ରଜାମାନେ ମାଣ ପ୍ରତି ଟିନାଏ, ବାଟି ପ୍ରତି ମାଣେ, ପଉଟିଏ, ପାଞ୍ଚ, ତିନି କିମ୍ବା ଚାରି ପଉତି ହିସାବରେ ସଞ୍ଜା ଦେଉଥିବାର ଆଲୋଚ୍ୟ ଗ୍ରନ୍ଥରେ ଉଲ୍ଲେଖ ରହିଛି । ରାଜସ୍ୱ ଶସ୍ୟ ବା ସ୍ୱର୍ଣ୍ଣ ମୁଦ୍ରା ଆକାରରେ ସେତେବେଳେ ଆଦାୟ ହେଉଥିଲା ।

ସାରଳା ସାହିତ୍ୟରେ ଯେଉଁ ପ୍ରତ୍ୟକ୍ଷ ଯୁଦ୍ଧ, ଯୁଦ୍ଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର, ସମର କୌଶଳ, ମଲ୍ଲଯୁଦ୍ଧ ଇତ୍ୟାଦିର ବର୍ଣ୍ଣନା ଦେଖିବାକୁ ମିଳିଥାଏ । ସେଥିରୁ କେହି କେହି ଅନୁମାନ କରନ୍ତି ଯେ ସାରଳା ଦାସ ଯୌବନ କାଳରେ ଜଣେ ସୈନିକ ବା ସେନାଧକ୍ଷ ଥିଲେ । ସେ ସମୟରେ ଯୁଦ୍ଧରେ ବ୍ୟବହୃତ ବହୁ ଅସ୍ତ୍ରଶସ୍ତ୍ର ସାଜସରଞ୍ଜାମର ବିସ୍ତୃତ ବିବରଣୀ ସେ ପ୍ରସଙ୍ଗକ୍ରମେ ପ୍ରଦାନ କରିଛନ୍ତି । ପରଶୁ, ଖଡ଼ଗ, ଗଦା ମୁଦଗର, କୁନ୍ତ, ପାଶ, ଶାବେଳୀ, ଛେଲା, କାତ, ଛେଲ, ମୂଷଳ, ଧାମଣା, କମାଣ, ସାବେଳି, କରବାଳ, ଲଙ୍କିଆ, ଗୁରୁଜ ଇତ୍ୟାଦି । ତତ୍କାଳୀନ ପ୍ରଚଳିତ ବହୁ ଅସ୍ତ୍ରଶସ୍ତ୍ରର ନାମ ମହାଭାରତ ଓ ଚଣ୍ଡୀପୁରାଣରେ ଦେଖିବାକୁ ମିଳିଥାଏ । ଯୁଦ୍ଧ ନିମନ୍ତେ ବାଦ୍ୟ ଏକାନ୍ତ ପ୍ରୟୋଜନୀୟ । ଯୁଦ୍ଧ ବାଦ୍ୟର ଶ୍ରବଣରେ ଯେ କୌଣସି ସୈନିକର ହୃଦୟ ବୀର ରସରେ ପୂର୍ଣ୍ଣ ହୋଇଯାଇଥାଏ । ସେ ଉନ୍ମତ୍ତ ହୋଇ ଶତ୍ରୁ ବିନାଶ ନିମନ୍ତେ ଯୁଦ୍ଧ ଭୂଇଁକୁ ଡେଇଁପଡ଼େ । ସାରଳା ମହାଭାରତରେ ଅସଂଖ୍ୟ ଯୁଦ୍ଧ ବାଦ୍ୟର ନାମ ରହିଛି । ସେଥି ମଧ୍ୟରେ ଢୋଲ, ମର୍ଦ୍ଦଳ, କଢ଼ା, ଦମା, ଶଙ୍ଖ, ଭେରୀ, ତୁରୀ, ମହୁରୀ, ଗାଲତୁରୀ, ଦୋହରି ଦାଉଣ୍ଡି, ବିଜିଘୋଷ ଦାଉଣ୍ଡି ପ୍ରଭୃତି ପ୍ରଧାନ ।

ତତ୍କାଳୀନ ସମାଜରେ ପ୍ରଚଳିତ ଶିକ୍ଷା ସମ୍ବନ୍ଧୀୟ ଅନେକ ବିବରଣୀ ସାରଳା ମହାଭାରତରେ ଦେଖିବାକୁ ମିଳିଥାଏ । ଖ୍ରୀଷ୍ଟୀୟ ପଞ୍ଚଦଶ ଶତକ ବେଳକୁ ଓଡ଼ିଆ ଲିପି, ଭାଷା ସାହିତ୍ୟର ବିକାଶ ସାଧିତ ହୋଇ ସାରିଥାଏ । ସେ ସମୟରେ ଶାସ୍ତ୍ରବିଦ୍ୟା, ଧନୁର୍ବିଦ୍ୟା, ମଲ୍ଲବିଦ୍ୟା, ତନ୍ତ୍ରବିଦ୍ୟା ଓ ଯୋଗବିଦ୍ୟା ପ୍ରଭୃତି ଶିକ୍ଷା ଦିଆଯାଉଥିଲା । ଶ୍ରୀକୃଷ୍ଣଙ୍କ ଶ୍ଳୋକାଭ୍ୟାସରୁ ଜଣାଯାଏ ଯେ ଶିଶୁମାନେ ସଂସ୍କୃତ ଶ୍ଳୋକକୁ ମୁଖସ୍ଥ କରୁଥିଲେ । ସେତେବେଳେ ମନ୍ତ୍ରୋଚ୍ଚାରଣର ପ୍ରାଧାନ୍ୟ ଥିବାରୁ ଆବୃତ୍ତି ଓ ଉଚ୍ଚାରଣ ଉପରେ ଗୁରୁମାନେ ଗୁରୁତ୍ୱ ଦେଉଥିଲେ । ଗୁରୁ ପୋଥି ପାଠ କରୁଥିଲେ ଓ ଶିଷ୍ୟଗଣ ତାହା ଆବୃତ୍ତି କରୁଥିଲେ । ତାଳପତ୍ର ଓ ଲେଖନ ସାହାଯ୍ୟରେ ଲିଖନ କାର୍ଯ୍ୟ ହେଉଥିଲା । ତା ଛଡା ଭୂମିରେ ଖଡ଼ି ଦ୍ୱାରା ମଧ୍ୟ ଲେଖାଯାଉଥିଲା । ଶ୍ରୀଫଳା ଲେଖିଲା ପରେ ପିଲାମାନଙ୍କୁ ଅକ୍ଷର ମାତ୍ରା, ଯୁକ୍ତାକ୍ଷର, ଏବଂ ଶ୍ଳୋକ ଶିକ୍ଷା ଦିଆ ଯାଉଥିଲା । ଏହା ସହିତ ପଣିକିଆ, ସୋଧି,ଓଡାଙ୍କ, ଫେଡ଼ାଣ, ମିଶାଣ, ଗୁଣନ, ହରଣ ଆଦି ଶିକ୍ଷାର ପ୍ରଚଳନ ରହିଥିଲା । ଏଥିରୁ ଜଣାଯାଏ ଯେ ମାନସିକ ଶିକ୍ଷାଦାନ ସଙ୍ଗେ ଶାରୀରିକ ଶିକ୍ଷାଦାନ ମଧ୍ୟ କରାଯାଉଥିଲା । ଫଳରେ ପଞ୍ଚଦଶ ଶତକର ଓଡ଼ିଶା ଏକ ଶକ୍ତିଶାଳୀ ରାଜ୍ୟ ରୂପେ ପରିଗଣିତ ହେଉଥିଲା ।

ମଧ୍ୟ ପର୍ବରେ ବିଦ୍ୟାଳୟ ଓ ଶିକ୍ଷାଦାନ ପ୍ରସଙ୍ଗରେ କୁହାଯାଇଛି ଯେ ଚାଟଶାଳୀରେ ଚାଟମାନଙ୍କୁ ବିଦ୍ୟାଶିକ୍ଷା ଦିଆଯାଉଥିଲା । ଗୁରୁ ସାନ୍ଦିପନୀ ପ୍ରତ୍ୟହ ଏକ ହଜାର ଚାଟଙ୍କୁ ବିଦ୍ୟାଦାନ କରୁଥିଲେ, ଯେଉଁମାନଙ୍କ ମଧ୍ୟରେ କୃଷ୍ଣ ଓ ବଳରାମ ପ୍ରଧାନ ଥିଲେ । ଗୁରୁ ଛାତ୍ରମାନଙ୍କୁ ପୁତ୍ର ଭଳି ମନେ କରୁଥିଲେ ଏବଂ ଛାତ୍ରମାନଙ୍କର ମଧ୍ୟ ଗୁରୁଙ୍କୁ ଭକ୍ତି କରିବାରେ ଅବହେଳା ନଥିଲା । ଗୁରୁଙ୍କ ଆଦେଶ ଅକ୍ଷରେ ଅକ୍ଷରେ ପାଳନ କରିବା ଚାଟମାନଙ୍କର ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ ରହିଥିଲା । ଗୁରୁଙ୍କ ନିମନ୍ତେ ବିଭିନ୍ନ କାର୍ଯ୍ୟ କରିବା ମାଧ୍ୟମରେ


© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସେମାନେ ଗୁରୁ ସେବା କରୁଥିଲେ । ଗୁରୁ ମଧ ଚାଟମାନଙ୍କୁ ପୁତ୍ରଭଳି ସ୍ନେହ କରୁଥିଲେ । ନିମ୍ନଲିଖୁତ ଉଦ୍ଧୃତରୁ ଗୁରୁ ଶିଷ୍ୟ ସମ୍ପର୍କ ଏବଂ ଗୁରୁଙ୍କ ନିମନ୍ତେ ଚାଟମାନଙ୍କର କାର୍ଯ୍ୟ ଇତ୍ୟାଦି ସମ୍ପର୍କରେ ସମ୍ୟକ୍ ଧାରଣା ମିଳିଥାଏ ।

**"ଚାଟଶାଳୀ ମଧ ଗୁରୁ ଯେ ଉଭା ହୋଇ**
**ସବୁ ପୁଅମାନନ୍ତ ସେ ଯେ ଅନାଇଣ କରି ।**
**ତୁମ୍ଭେ ସବୁ ପୋୟେ ୟେହି କ୍ଷଣି ବହନା ହୋଇଯିବ ।**
**କାଠଗୁଡ଼ାୟେ ଲେଖାୟେ ବନସ୍ତ ଭାଙ୍ଗିଣ ଆଣିବ ।" (ମଧପର୍ବ)**

ସାରଳା ମହାଭାରତର ଧର୍ମଧାରା ଲୋକବିଶ୍ୱାସ ଓ ସାମାଜିକ ରୀତିନୀତି, ବିବାହ ବିଧି, ନୌବାଣିଜ୍ୟ, ଭୂରାଜସ୍ୱ ବିଧି, ଶିକ୍ଷାପଦ୍ଧତି, କୃଷି ଓ କୃଷକ ପ୍ରବଚନ, ଓ ଲୋକ ଚରିତ୍ର, ସମର ବିଭବ ସମ୍ପର୍କୀୟ ବିସ୍ତୃତ ବିବରଣୀରୁ ଏହା ଯେ ଯଥାର୍ଥରେ ଓଡ଼ିଆ ସାମାଜିକ ଜୀବନର ଏକ ବିଶ୍ୱକୋଷ ଏଥରେ ସନ୍ଦେହ ରହେ ନାହିଁ ଏବଂ 'ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ' ଉକ୍ତିର ସାର୍ଥକତା ସ୍ୱତଃ ପ୍ରମାଣିତ ହୋଇଥାଏ ।

ସାରଳା ଦାସ ପଞ୍ଚଦଶ ଶତାବ୍ଦୀର ଶ୍ରେଷ୍ଠ ବିପ୍ଳବୀ କବି । ସାରଳା ମହାଭାରତ ତାଙ୍କ ସାରସ୍ୱତ ପ୍ରତିଭାର ଶ୍ରେଷ୍ଠ ନିଦର୍ଶନ । ଯେଉଁ ସମୟରେ ସଂସ୍କୃତ ଭାଷାର ପ୍ରଭାବ ଥିଲା, ସେ ସମୟରେ ଜନମୁଖର ଭାଷାକୁ ଆପଣେଇ ଏକ ବିରାଟ ଗ୍ରନ୍ଥ ରଚନା କରି ଓଡ଼ିଆ ସାହିତ୍ୟରେ ଏକ ସୁଦୃଢ଼ ଭିତ୍ତି ସ୍ଥାପନ କରିବା ସହିତ ଭାଷା, ଧର୍ମ, ସମାଜ, ରାଜନୀତି, ସଂସ୍କୃତି ଓ ପରମ୍ପରାକୁ ନେଇ ଏକ କାଳଜୟୀ ସାହିତ୍ୟ ରଚନା କରି ପାଠକ ତଥା ଜନମାନସରେ ଆଦୃତ ହୋଇପାରିଥିଲେ । ତେଣୁ ସାରଳା ମହାଭାରତକୁ ବାସ୍ତବ କ୍ଷେତ୍ରରେ ଓଡ଼ିଆ ଭାଷାର କଳ୍ପଦ୍ରୁମ କହିଲେ ଅତ୍ୟୁକ୍ତି ହେବନାହିଁ । ମଣିକାଞ୍ଚନ ସଂଯୋଗ ପରି ସାରଳା ଦାସ ଓ ତାଙ୍କ ପୃଷ୍ଠପୋଷକ ରାଜା କପିଳେନ୍ଦ୍ରଦେବଙ୍କ ସମକାଳୀନ ଆବିର୍ଭାବ ସମାଜରେ, ସାହିତ୍ୟରେ ଓ ଶାସନରେ ସୃଷ୍ଟି କଲା ନବ ଅଭ୍ୟୁଦୟର ଏକ ବହୁବର୍ଣ୍ଣୀ ନୂତନ ଦିଗନ୍ତ, ପ୍ରତିଭା ଓ ଧୀଶକ୍ତି ବଳରେ କାହାଣୀ ଚରିତ୍ର, ପ୍ରବାଦ, ପ୍ରବଚନ ଓ ନୀତିଧର୍ମୀ କାହାଣୀ ଭିତରେ ଓଡ଼ିଆ ଜାତିର ଇଷ୍ଟଦେବ ଜଗନ୍ନାଥଙ୍କ ମହିମା ଓ ମହତ୍ୱର ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଉତ୍କଳୀୟ ପରମ୍ପରା, ସଂସ୍କୃତି, ରୀତିନୀତି, ଚାଲିଚଳନ, ଆଚାର ବିଚାର, ଓଡ଼ିଆ ଘରର ଖାଦ୍ୟ ସହିତ ତତ୍କାଳୀନ ସମାଜର ଚିତ୍ର ମହାଭାରତରେ ଛତ୍ରେ ଛତ୍ରେ ଦେଖିବାକୁ ମିଳିଥାଏ ।

## ସହାୟକ ଗ୍ରନ୍ଥସୂଚୀ


1. ନନ୍ଦଶର୍ମା ଗୋପୀନାଥ. ସାରଳା ମହାଭାରତ ସମାଲୋଚନା. କଟକ: ଭାରତ ଦର୍ପଣ; ୧୯୬୮.
2. ମହାନ୍ତି ବଂଶୀଧର. ଓଡ଼ିଆ ସାହିତ୍ୟର ଇତିହାସ. ପ୍ରଥମ ଭାଗ. କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ; ୧୯୭୦.
3. ପାଣିଗ୍ରାହୀ କୃଷ୍ଣଚନ୍ଦ୍ର. ସାରଳା ସାହିତ୍ୟର ଐତିହାସିକ ଚିତ୍ର. କଟକ: ପ୍ରଜାତନ୍ତ୍ର ପ୍ରଚାର ସମିତି; ୧୯୮୯.
4. ମାନସିଂହ ମାୟାଧର. ଓଡ଼ିଆ ସାହିତ୍ୟର ଇତିହାସ. କଟକ: ଗ୍ରନ୍ଥମନ୍ଦିର; ୧୯୮୧.
5. ସିଂହ ଜଗବନ୍ଧୁ. ପ୍ରାଚୀନ ଉତ୍କଳ. ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ; ୧୯୨୬.
6. ମହାନ୍ତି ବଂଶୀଧର. ସାରଳା ସାହିତ୍ୟ. କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ; ୧୯୭୩.
7. ମହାରଣା ସୁରେନ୍ଦ୍ର କୁମାର. ସାରଳା ସାହିତ୍ୟ ପରିକ୍ରମା. କଟକ: ଓଡ଼ିଶା ବୁକ୍ ଷ୍ଟୋର; ୧୯୮୧.



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.



**About the corresponding author**



**ଡଃ ସୁଚିତ୍ରା ମହାନ୍ତି** ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାରେ ଅଧ୍ୟାପିକା ଭାବେ କାର୍ଯ୍ୟରତ। ସେ ଶିକ୍ଷାଦାନ ଓ ଗବେଷଣାରେ ନିୟୋଜିତ। ସେ ଓଡ଼ିଆ ସାହିତ୍ୟ, ସଂସ୍କୃତିର ଅଧ୍ୟୟନ ତଥା ସାହିତ୍ୟ ସମାଲୋଚନାରେ ଆଗ୍ରହୀ, ଏବଂ ଅଞ୍ଚଳୀୟ ସାହିତ୍ୟ ପରମ୍ପରାର ପ୍ରଚାରରେ ସକ୍ରିୟ ଅବଦାନ ରଖୁଛନ୍ତି।




© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/